## ସଂକ୍ଷେପରେ

### ଧର୍ମଶାଳା ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

ଧର୍ମଶାଳା,୧୫।୭(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନାର ନୂତନ ଥାନା ଅଧିକାରୀ ଭାବେ ତପନ କୁମାର ନାୟକ ଯୋଗଦେଇଛନ୍ତି। ସେ କେନ୍ଦ୍ରାପଡ଼ା ଥାନାରେ ସଫଳତାର ସହ କାର୍ଯ୍ୟ ନିର୍ବାହ କରି ଯାଜପୁର ହେଡ୍‌କ୍ୱାର୍ଟରକୁ ବଦଳି ହୋଇ ଆସିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସେ ଶୁକ୍ରବାର ଧର୍ମଶାଳା ଥାନାରେ ଯୋଗଦେଇଛନ୍ତି। ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀଙ୍କ ପୁରୀ ଜିଲାକୁ ବଦଳି ପରେ ଏଠାରେ ଥାନା ଅଧିକାରୀ ପଦବୀ ଖାଲିପଡ଼ିଥିଲା। ଅନ୍ୟପକ୍ଷରେ କେତେକ ଘଟଣା ପାଇଁ ଧର୍ମଶାଳାର ଆଇଆଇସି ବିବାଦୀୟ ହୋଇପଡ଼ିଥିଲେ। ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ହେବାକୁ ଯାଉଥିବାବେଳେ ନୂତନ ଥାନା ଅଧିକାରୀଙ୍କ ପାଇଁ ଅନେକ ଚ୍ୟାଲେଞ୍ଜ ରହିଛି। ତେବେ ଥାନା ଅଧିକାରୀ ସୁରଖୁରରେ ସବୁ କାର୍ଯ୍ୟ ପରିଚାଳନା କରିବେ ବୋଲି ସାଧାରଣରେ ଆଶା ପ୍ରକଟ କରାଯାଇଛି।

### ଅଜଣା ଗାଡ଼ି ଧକ୍କାରେ କାର୍ ଚୂରମାର



ପାଣିକୋଇଲି,୧୫।୭(ବିକାଶ ମଲ୍ଲିକ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି-ଯାଜପୁରରୋଡ ରାସ୍ତାର ପାଣିକୋଇଲି ବଜାର ଡିସିବି ବ୍ୟାଙ୍କ୍ ସମ୍ମୁଖରେ ଶନିବାର ଅଜଣା ଗାଡ଼ି ଧକ୍କାରେ ଏକ କାର ଚୁରମାର ହୋଇଯାଇଛି। ସୂଚନା ମୁତାବକ, ଯାଜପୁର ରୋଡ୍ ଚୋରଦା ନିବାସୀ ଲମ୍ବୋଧର ରାଉତ(୪୩) ନିଜ କାର(ଓଡି-୦୨-ଏନ-୩୯୯୯)ରେ ଭୁବନେଶ୍ୱରରୁ ଯାଜପୁର ରୋଡ୍ ଯାଉଥିଲେ। ଏହି ସମୟରେ ଏକ ଅଜଣା ଗାଡ଼ି ଆସି ଧକ୍କା ଦେବାରୁ ତାଙ୍କ କାରର ପଛ ପଟ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିଲା। ଲମ୍ବୋଦର ଆହତ ହୋଇଥିଲେ। ପାଣିକୋଇଲି ଥାନା କର୍ମଚାରୀ ସ୍ୱୟଂପ୍ରକାଶ ନାୟକ, ବନିତା ଦଲେଇ, ଗୋଲକ ବିହାରୀ ସେଠୀ, ଆମେ ଆପଣଙ୍କ ପାଇଁ ହେଲ୍‌ପିଙ୍ଗ ଗ୍ରୁପର ସଦସ୍ୟ ଅଶୋକ କୁମାର ଦାସ, ସୋଭିନ ପରିଡ଼ା, ସୁନୀଲ ଓଝା ଓ ପ୍ରଦୀପ ମାଝି ପ୍ରମୁଖ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହାୟତା କରିଥିଲେ। ଦୁର୍ଘଟଣା ଘଟାଇଥିବା ଗାଡିଟି ଫେରାର ହୋଇଯାଇଛି। ତା'କୁ ଧରିବା ପାଇଁ ପୋଲିସ ନିକଟସ୍ଥ ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ବଡ଼ସାହି, (ସମ୍ପିତ କୁମାର ରାଉତ): ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ପଟିସାରି ଗ୍ରାମର ଗୌରନାଥ ସେଠୀ(୮୯)ଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଗୌରନାଥ ଶୁକ୍ରବାର ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଫେରି ନ ଥିଲେ। ପରିବାର ଲୋକ ଓ ସମ୍ପର୍କୀୟ ଚାରିଆଡ଼େ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ଶନିବାର ସକାଳେ ପୋଖରୀରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ସରପଞ୍ଚ ଏବଂ ୱାର୍ଡସଭ୍ୟଙ୍କୁ ଖବର ଦେଇଥିଲେ। ଗ୍ରାମବାସୀଙ୍କଠାରୁ ଗୌରନାଥଙ୍କ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ବଡ଼ସାହି ଥାନା ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରିବା ସହ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଥିଲା।

# ବ୍ୟାସନଗର ସହରର ଟ୍ରାଫିକ୍ ସମସ୍ୟା ସୁଧୁରୁନି

## ଆନ୍ଦୋଳନ ଦାନା ବାନ୍ଧୁଛି

ଯାଜପୁରରୋଡ୍,୧୫।୭(ପବିତ୍ର ମହାନ୍ତି):

କଳିଙ୍ଗନଗର ଯାନବାହନ ଶିଳ୍ପାଞ୍ଚଳର ମୁଖଶାଳାଭାବେ ପରିଚିତ ବ୍ୟାସନଗର ସହରରେ ଆଶାତିତ ଭାବେ ଜାନବହାନା ବୃଦ୍ଧିପାଉଛି। ହେଲେ ସହରର ଟ୍ରାଫିକ ସମସ୍ୟା ସୁଧୁରିବାର ନାଁ ଧରୁନାହିଁ। ଅନ୍ୟପକ୍ଷରେ କଳିଙ୍ଗନଗର ଶିଳ୍ପାଞ୍ଚଳର କର୍ମଚାରୀଙ୍କୁ ନେବା ଆଣିବାରେ ବିନିଯୋଗ ହୋଇଥିବା ବସ୍‌ଗୁଡିକ ସହରର ଟ୍ରାଫିକ୍ ସମସ୍ୟାକୁ ଦ୍ୱିଗୁଣିତ କରୁଛନ୍ତି। ଏହାସହିତ ସହର ମଧ୍ୟରେ ଥିବା ବଡ଼ ବଡ଼ ମଲ୍, ବ୍ୟବସାୟିକ ଅନୁଷ୍ଠାନ ଓ ବ୍ୟାଙ୍କଗୁଡ଼ିକର ନିଜସ୍ୱ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଯାନବାହନଗୁଡ଼ିକ ରାସ୍ତା ଉପରେ ଘଣ୍ଟାଘଣ୍ଟା ଧରି ଛିଡ଼ା ହୋଇ ରହିବା ଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଛି। ଏପରି କି ରୋଗୀ ନେଇ ଆସୁଥିବା ଆମ୍ବୁଲାନ୍ସ ଓ ଜରୁରିକାଳୀନ ଗାଡ଼ିଗୁଡ଼ିକ ଟ୍ରାଫିକ୍ ଜାମରେ ଫସି ରହୁଛି। ଫଳରେ ସଙ୍କଟାପନ୍ନ ରୋଗୀ ଚିକିତ୍ସାରୁ ବଞ୍ଚିତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ସ୍କୁଲ୍, କଲେଜ ଯାଉଥିବା ଛାତ୍ରୀଛାତ୍ର, ବିଭିନ୍ନ କୋର୍ଟ କଚେରି ଓ ଅଫିସ କାର୍ଯ୍ୟରେ ଯାଉଥିବା ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ସନ୍ଧ୍ୟା ସମୟରେ ଏହି ସମସ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଛି।

ଏଠାରେ ସୂଚନାଯୋଗ୍ୟ, ୨୦୦୭ରେ ତତ୍କାଳୀନ ଯାଜପୁର ଏସ୍‌ପି ଡିଏସ୍. କୁଟେ ଏହି ସହରର ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ଗୃହ ବିଭାଗକୁ ପ୍ରଦାନ କରିଥିଲେ। ସେହି ଫାଇଲ ଏବେବି ନାଲିଫିତା ତଳେ ଚାପିହୋଇ ରହିଛି। କିନ୍ତୁ ଯାଜପୁର ଜିଲାର ଚଣ୍ଡିଖୋଲଠାରେ ଟ୍ରାଫିକ ଥାନା ଖୋଲିଛି। ହେଲେ ଏହି ସହରକୁ ଉପେକ୍ଷା କରାଯାଇଛି। ଏହାର ୧୦ ବର୍ଷ ପରେ ୨୦୧୭ରେ ପୁନଃ ତତ୍କାଳୀନ ଏସ୍‌ପି ଚରଣ ସିଂ ମୀନା ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକରେ ଟ୍ରାଫିକ ପୋଷ୍ଟ ନିର୍ମାଣ କରିବାସହ ସେଗୁଡ଼ିକରେ ଟ୍ରାଫିକ ସିଗ୍‌ନାଲ ଲାଇଟ ସଂଯୋଗ କରିବା ପାଇଁ ଗୃହ ବିଭାଗକୁ ପ୍ରସ୍ତାବ ଦେଇଥିଲେ। ଏହା ମଧ୍ୟରେ ୬ ବର୍ଷ ବିତି ଯାଇଥିଲେ ମଧ ଏହାର କୌଣସି ସମାଧାନ ହୋଇପାରିନାହିଁ।

ସହରର ମୁଖ୍ୟ ଛକ ଚୋରଦା, ଚୋରଦା ବାଇପାସ୍, ଗୋପବନ୍ଧୁ ଛକ, ଡାକବଙ୍ଗଳା ଛକ, ଦଳା ଛକ, ନହକା ଗୋଲେଇ, ଫାୟାର ଷ୍ଟେଶନ ଗୋଲେଇ ଓ ଧବଳଗିରି ଆଦି ସ୍ଥାନରେ ନାମକୁ ମାତ୍ର କେତେଜଣ ଅନଭିଜ୍ଞ ହୋମ ଗାର୍ଡଙ୍କୁ ମୁତୟନ କରାଯାଇଛି। ସେମାନେ ଟ୍ରାଫିକ ନିୟମ ବିଷୟରେ ଅନଭିଜ୍ଞ ଥିବାରୁ ଟ୍ରାଫିକ ସମସ୍ୟା ସମାଧାନ କରିବାରେ ବିଫଳ ହେଉଛନ୍ତି। ସହରର ଟ୍ରାଫିକ ସମସ୍ୟାକୁ ନେଇ ଯାଜପୁରରୋଡ୍ ସିଭିଲ ସୋସାଇଟି ପକ୍ଷରୁ ଆଇନଜୀବୀ ବିବେକାନନ୍ଦ ମହାନ୍ତି, କୋରେଇ ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତି, ସମ୍ପାଦକ ଅଭିମନ୍ୟୁ ମିଶ୍ର ଓ ଅନେକ ସଚେତନ ନାଗରିକ ଯାଜପୁର ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ୭ ମାସ ବିତିଯାଇଥିଲେ ମଧ ଏହାର ସୁଫଳ ମିଳୁନାହିଁ। ତେଣୁ ଏ ଦିଗରେ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ଏକ ଜନ ଆନ୍ଦୋଳନ ଗଢ଼ି ଉଠିବ ବୋଲି ଜଣାପଡ଼ିଛି।



ବ୍ୟାସନଗର ସହରର ଟ୍ରାଫିକ୍ ଜାମ୍।

# ସମିତି ସଭ୍ୟ, ୱାର୍ଡ ସଭ୍ୟା ପଦ ପାଇଁ ନାମାଙ୍କନ ଦାଖଲ

ଧର୍ମଶାଳା,୧୫।୭(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ନେଉଳପୁର ପଞ୍ଚାୟତର ସମିତିସଭ୍ୟ ଓ ଚକ୍ରଧରପୁର ପଞ୍ଚାୟତର ୫ ନମ୍ବର ୱାର୍ଡ ସଭ୍ୟ ଉପନିର୍ବାଚନ ପାଇଁ ଜଣେ ଲେଖାଏ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନେଉଳପୁର ପଞ୍ଚାୟତର ସମିତିସଭ୍ୟା ନିରୁପମା ବାରିକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେବାରୁ ସେହି ପଦବୀଟି ଖାଲିପଡ଼ିଛି। ଶନିବାର ସମିତିସଭ୍ୟା ପଦବୀ ପାଇଁ ନେଉଳପୁର ଗ୍ରାମର ଜରିନା ବେଗମ ନିଜ ସମର୍ଥକଙ୍କ ସହ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ନିର୍ବାଚନ ଅଧିକାରୀ ତଥା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ସମିତିସଭ୍ୟା ପଦବୀ ପାଇଁ ସବିତା ସାହୁ, ସବନମ୍ ପରୱିନ, ନିର୍ମଳା ବେହେରା ଓ ଅନ୍ୟ ଜଣେ ନାମାଙ୍କନ ପତ୍ର ନେଇଥିବା ବ୍ଲକ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ଅଗଷ୍ଟ ୯ ତାରିଖରେ ଉପନିର୍ବାଚନ ହେବ। ସେହିପରି ଚକ୍ରଧରପୁର ପଞ୍ଚାୟତର ୫ ନଂ. ୱାର୍ଡର ସଭ୍ୟା ନିଜ ପଦବୀରୁ ଇସ୍ତଫା ଦେଇଥିବାରୁ ସେହି ପଦବୀ ଖାଲିପଡ଼ିଛି। ଅଗଷ୍ଟ ୯ ତାରିଖରେ ଏଠାରେ ଉପନିର୍ବାଚନ ହେବାକୁ ଥିବାବେଳେ ଶୁକ୍ରବାର ଏହି ୱାର୍ଡ ପାଇଁ ପିଙ୍କିଲତା ଯେନା ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଏହି ବ୍ଲକର ୧୫ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ପଦ ପାଇଁ ଅଗଷ୍ଟ ୯ରେ ଉପନିର୍ବାଚନ ହେବାକୁଥିବା ବେଳେ କଂଗ୍ରେସ ପକ୍ଷରୁ ବୈରାଗୀ ମଲିକଙ୍କ ନାମ ଘୋଷଣା କରାଯାଇଛି। ଏଠାରେ ବିଜେଡି ଏବଂ ଭାଜପା ପକ୍ଷରୁ ଅଦ୍ୟାବଧି ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନାହିଁ। ଏହି ସମସ୍ତ ଉପନିର୍ବାଚନ ପାଇଁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ କରିବାକୁ ସ୍ଥିର କରାଯାଇଛି। ତେବେ ୧୭ ତାରିଖ ଅପରାହ୍ନ ୩ଟାରେ କଂଗ୍ରେସ, ଭାଜପା ଓ ବିଜେଡି ପ୍ରାର୍ଥୀମାନେ ଯାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି।

# ବେଟି ବଚାଅ, ବେଟି ପଢ଼ାଅ ଅଭିଯାନରେ ୨ ସ୍କୁଲ ପୁରସ୍କୃତ



ବ୍ରହ୍ମବରଦା ପ୍ରାଥମିକ ବ୍ୟାଳୟର ଶିକ୍ଷକ ପୁରସ୍କାର ରାଶି ସହ ମାନପତ୍ର ଗ୍ରହଣ କରୁଛନ୍ତି।

ବ୍ରହ୍ମବରଦା,୧୫।୭ (ଯଯାତି କେଶରୀ ବେହେରା):

ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତର ୨ ସ୍କୁଲ୍ ବେଟି ବଚାଅ, ବେଟି ପଢ଼ାଅ ଅଭିଯାନ ପାଇଁ ପୁରସ୍କୃତ ହୋଇଛନ୍ତି। ଶୁକ୍ରବାର ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତା ଓ ଆକ୍ସନଏଡ୍ ଜିଲା ସଂଯୋଜକ ସୁରେନ୍ଦ୍ର କୁମାର ଦିଗଲଙ୍କ ସଂଯୋଜନାରେ ଅନୁଷ୍ଠିତ ବେଟି ବଚାଅ, ବେଟି ପଢ଼ାଅ ଅଭିଯାନର ପୁରସ୍କୃତ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ବ୍ରହ୍ମବରଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ଆଇଚ ଓ ବ୍ରହ୍ମବରଦା ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଅନନ୍ତ କୁମାର ମଲ୍ଲିକ ଉପସ୍ଥିତ ରହି ଯାଜପୁର ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକଙ୍କଠାରୁ ପୁରସ୍କାର ଅର୍ଥରାଶି ୧୦ ହଜାର ଟଙ୍କା ଲେଖାଏ ସହ ମାନପତ୍ର ଗ୍ରହଣ କରିଛନ୍ତି। ଏଠାରେ ମୁସଲମାନ ସମ୍ପ୍ରଦାୟର ଶହଶହ ବାଳିକା ପାଠ ପଢୁଥିବାବେଳେ ଶହେ ଶତକଡ଼ା ଉପସ୍ଥାନ ସହ ଡ୍ରପଆଉଟ ଶୂନ୍ୟ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ମିଳିଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଶିଶୁ ସୁରକ୍ଷା କର୍ମୀ ମଣ୍ଟୁ ଦାସ, ଅନୱା ଖାନ ଓ ବ୍ରହ୍ମବରଦା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାପତି ଜୁଲ୍‌ଫିକର ଅଲ୍ଲି ପ୍ରମୁଖ ଉପସ୍ଥିତ ଥିଲେ।

# ରେଲ୍‌ୱେ ସହାୟତା ନ ଦେଲେ ୨୧ରୁ ଧାରଣା

## ମାଲ୍‌ବାହୀ ଟ୍ରେନ୍‌ରେ କଟି ୬ ଶ୍ରମିକଙ୍କ ମୃତ୍ୟୁ ଘଟଣା

■ ୨୫ରେ ରେଲରୋକୋ କରିବ କୋରେଇ ସଂଗ୍ରାମ ସମିତି

ଯାଜପୁରରୋଡ୍,୧୫।୭(ପବିତ୍ର ମହାନ୍ତି):

ଯାଜପୁର କେନ୍ଦୁଝର ରୋଡ୍ ରେଳ ଷ୍ଟେଶନଠାରେ ଜୁନ ୭ ତାରିଖରେ ଏକ ମାଲବାହୀ ଟ୍ରେନ୍‌ରେ କଟିଯାଇ ପ୍ରାଣ ହରାଇଥିବା ୬ ଶ୍ରମିକଙ୍କ ପରିବାରକୁ ରେଳୱେ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ସହାୟତା ପ୍ରଦାନ କରାଯାଇନାହିଁ। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ କୋରେଇ ସଂଗ୍ରାମ ସମିତି ଧାରଣା ଦେବା ସହ ରେଳରୋକୋ କରିବ ବୋଲି ନିଷ୍ପତ୍ତି ନେଇଛି। ଏନେଇ ସମିତି ପକ୍ଷରୁ ଶନିବାର କୋରେଇ ବ୍ଲକ ବନ୍ଧାଲ ପଞ୍ଚାୟତରେ ଏକ ବୈଠକ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଘୋଷଣା କରାଯାଇଛି। ସାମାଜିକ କର୍ମୀ ସୁରେନ୍ଦ୍ର ଯେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମିତି ସଭାପତି ବିଦ୍ୟାଧର ମହାନ୍ତି, ଉପସଭାପତି ଆଲୋକ ମହାନ୍ତି, ମନୋରଞ୍ଜନ ନାୟକ, ସରପଞ୍ଚ ବିଷ୍ଣୁଚରଣ ରଥ, ଅଜୟ କୁମାର ମହାକୁଡ଼, ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ ସଭାନେତ୍ରୀ ଗୀତାଞ୍ଜଳି ବିଶ୍ୱାଳ, କୃଷ୍ଣଚନ୍ଦ୍ର ଦାଶ, ପୂର୍ବତନ ସରପଞ୍ଚ ସୁରେଖା ସେଠୀ, ସୁରେନ୍ଦ୍ର ଦାଶ, ଗୌରାଙ୍ଗ ଦାସ, ଗୟାଧର ମଲ୍ଲିକ ଓ ପୂର୍ଣ୍ଣଚନ୍ଦ୍ର ଯେନା ପ୍ରମୁଖ ଯୋଗଦେଇ ଆସନ୍ତା ୨୧ରୁ୨୩ ତାରିଖ ପର୍ଯ୍ୟନ୍ତ ୩ଦଫା ଦାବିନେଇ ଦୁଲାଖାପାଟଣା ଷ୍ଟେଶନ ସମ୍ମୁଖରେ ଗଣଧାରଣା ଦେବାକୁ ସ୍ଥିର କରିଛନ୍ତି। ଏହି ସମୟ ମଧ୍ୟରେ ଯଦି ରେଲ୍‌ୱେ କର୍ତ୍ତୃପକ୍ଷ ଆଲୋଚନା କରି ଦାବିପୂରଣ ନ କରନ୍ତି ତେବେ ୨୫ ତାରିଖରେ ରେଳରୋକୋ କରାଯିବ ବୋଲି ସମିତି ପକ୍ଷରୁ କୁହାଯାଇଛି। ସୂଚନା ମୁତାବକ, ଦୁର୍ଘଟଣା ଦିନ କାଳବୈଶାଖୀ ହେବାରୁ ଶ୍ରମିକମାନେ ଦୀର୍ଘଦିନ ଧରି ଛିଡ଼ା ହୋଇଥିବା ଏକ ମାଲ୍‌ବାହୀ ଟ୍ରେନ୍ ତଳେ ଆଶ୍ରୟ ନେଇଥିଲେ। ମାତ୍ର ଏହି ସମୟରେ କୌଣସି କାରଣରୁ ଟ୍ରେନ୍‌ଟି ଗଡ଼ିଯିବାରୁ ୬ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ମୃତ ଶ୍ରମିକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି। ହେଲେ କେନ୍ଦ୍ର ସରକାର ଅଦ୍ୟାବଧି କୌଣସି କ୍ଷତିପୂରଣ ପ୍ରଦାନ କରିନାହାନ୍ତି। ରେଲୱେ ପକ୍ଷରୁ ସେମାନଙ୍କୁ ତୁରନ୍ତ କ୍ଷତିପୂରଣ ଦାବିକରି ଜୁନ ୯ ଓ ଜୁନ ୩୦ରେ କୋରେଇ ସଂଗ୍ରାମ ସମିତି ପକ୍ଷରୁ ଖୋର୍ଦ୍ଧା ଡିଆର୍‌ଏମ୍‌ଙ୍କୁ ଦାବିପତ୍ର ଦିଆଯିବା ସହ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ହେଲେ ରେଲ୍‌ୱେ ପକ୍ଷରୁ ଏଯାବତ କୌଣସି ଉତ୍ତର ମିଳିନାହିଁ।



ବୈଠକରେ ଯୋଗ ଦେଇଥିବା କୋରେଇ ସଂଗ୍ରାମ ସମିତି କର୍ମକର୍ତ୍ତା।

### ଟ୍ରକ୍-ବାଇକ ମୁହାଁମୁହିଁ, ୨ ମୃତ

ସୋର, ୧୫।୭(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ୧୬ନଂ. ଜାତୀୟ ରାଜପଥ ତଳନଗରଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ-ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସୋର ଥାନା ମାଣଗ୍ରୀ ଗାଁର ଅର୍ଜିତ ବେହେରା ଓ ଜଗନ୍ନାଥପୁର ଗାଁର ବଳରାମ ନାୟକ। ସେମାନେ ରାତିରେ ତଳନଗରରୁ ଘରକୁ ଫେରୁଥିବା ବେଳେ ଟ୍ରକ୍ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ହୋଇଥିଲା।

### ୨୯ ବାଇକ୍‌ରୁ ୧.୩୫ ଲକ୍ଷ ଜରିମାନା ଆଦାୟ

ଜଳେଶ୍ୱର, ୧୫।୭(ରବିନାରାୟଣ ପାତ୍ର)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଞ୍ଚଳରେ ପରିବହନ ଆଇନ ଉଲ୍ଲଘଂନ କରି ବହୁ ଯାନବାହନ ଚଳାଚଳ କରୁଥିବା ଅଭିଯୋଗ ହୋଇଛି। ଜଳେଶ୍ୱର ପୋଲିସ ଓ ପରିବହନ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଏସବୁକୁ ଯାଞ୍ଚ କରାଯାଇଛି। ଫଳରେ ୨୯ଜଣ ବାଇକ୍ ଆରୋହୀଙ୍କଠାରୁ ୧ଲକ୍ଷ ୩୫ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଜଳେଶ୍ୱରର ବିଭିନ୍ନ ବାଲି ଖାଦାନରୁ ଶହ ଶହ ନମ୍ବର ବିହୀନ ଟ୍ରାକ୍ଟର ବାଲି ପରିବହନ କରୁଥିଲେ ମଧ ସେମାନଙ୍କୁ ଯାଞ୍ଚ କରାଯାଉନାହିଁ। ଶୁକ୍ରବାର ଅପରାହ୍ନରେ ଜଳେଶ୍ୱର ଥାନା ନିକଟରେ ବାଇକ୍ ଆରୋହୀଙ୍କୁ ଧରପଗଡ ହୋଇଥିଲା। କେତେକ ଗାଡ଼ିର ଅବଧି ଦୀର୍ଘମାସରୁ ଶେଷ ହୋଇଥିଲେ ମଧ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ କେତେକ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ହାଇଲେଭଲ କେନାଲରେ ଛଡ଼ାଗଲା ପାଣି

ଧର୍ମଶାଳା,୧୫।୭(ବଟକୃଷ୍ଣ ପରିଡ଼ା):

ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତେଣୁ କଟକ ଜଗତ୍‌ପୁରରୁ ବାହାରିଥିବା ହାଇଲେଭଲ କେନାଲରେ ଚଳିତ ବର୍ଷ ଆଗୁଆ ପାଣି ଛଡ଼ାଯାଇଛି। ଫଳରେ ଏହାକୁ ନେଇ ଚାଷୀମାନେ ଆଶ୍ୱସ୍ତି ଅନୁଭବ କରିଛନ୍ତି। ପ୍ରଥମ ଦଫାରେ ୪୦୦ କ୍ୟୁସେକ ପାଣି ଛଡ଼ାଯାଇଛି। ଜୁନ୍‌ରେ ଧର୍ମଶାଳା ବ୍ଲକ ଅଞ୍ଚଳରେ ମାତ୍ର ୫୯.୫୦ ମିଲିମିଟର ବର୍ଷା ହୋଇଥିଲା। ଜୁଲାଇରେ ଅଦ୍ୟାବଧି ଭଲ ବର୍ଷା ହୋଇନାହିଁ। ଚାଷୀମାନେ ଧାନ ତଳି ପକାଇ ପାରିନାହାନ୍ତି। ଜାରକା ଜଳ ସମ୍ପଦ ବିଭାଗ ଅଧୀନରେ ଜଗତପୁରରୁ ବାହାରିଥିବା ଉକ୍ତ ହାଇଲେଭଲ କେନାଲ ୪୧ କି.ମି. ରହିଛି। ଏହି କେନାଲ ମାଧ୍ୟମରେ ୯୦୭୩.୮୩ ହେକ୍ଟର ଜମିକୁ ପାଣି ଯୋଗାଇ ଦିଆଯାଇଥାଏ। ଧର୍ମଶାଳା ବ୍ଲକର ୩୫୭୯.୬୮ ହେକ୍ଟର ଜମିକୁ ପାଣି ମାଡ଼ିଥାଏ। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜାରକା ଜଳ ସମ୍ପଦ ବିଭାଗ ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସଙ୍କ ଉଦ୍ୟମକ୍ରମେ ଚଳିତ ବର୍ଷ ଆଗୁଆ କେନାଲରେ ପାଣି ଛଡ଼ାଯାଇଛି। ଏହି କେନାଲର ଶାଖା କେନାଲଗୁଡ଼ିକୁ ୩ଦିନ ମଧ୍ୟରେ ପାଣି ଛଡ଼ାଯାଇ ବିଲକୁ ଯୋଗାଇ ଦିଆଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଦାସ ସୂଚନା ଦେଇଛନ୍ତି।

# ଦମ୍ପତିଙ୍କ ନିଆରା ବିବାହ

ଜେନାପୁର,୧୫।୭(ଅଶୋକ ଦାସ):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ବୃନ୍ଦାଦେଇପୁର ଶାସନ ଗ୍ରାମର ସାମାଜିକ କର୍ମୀ ନିର୍ମାଲ୍ୟ କୁମାର ପ୍ରଧାନ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ସେ ଢେଙ୍କାନାଳ ଜିଲା ଦଶମାଣ ପାଟଣାସ୍ଥିତ କାର୍ତ୍ତିକେଶ୍ୱର ବାଇଙ୍କ ଝିଅ ସୋନାଲି ବାଇଙ୍କୁ ଏକ ନିଆରା ଢଙ୍ଗରେ ସ୍ଥାନୀୟ କଠଉଣୀ ମଠରେ ବିବାହ କରିଛନ୍ତି। ବିନା ବାଜା ବାଣ ରୋସଣିରେ ବରଯାତ୍ରୀମାନେ ପ୍ରଦୂଷଣ ମୁକ୍ତ ସମାଜର ସଂକଳ୍ପ ବାର୍ତ୍ତା ନେଇ ଯାଇଥିଲେ। ବୈଦିକ ରୀତିନୀତିରେ ବିବାହ ପରେ ନବଦମ୍ପତି ଚାରାରୋପଣ କରିଥିଲେ। ଏହାସହ ଶତାଧିକ ଚାରା ବିଭିନ୍ନ ବ୍ୟକ୍ତି, ପରିବେଶବିତ୍ ଓ ସାମାଜିକ କର୍ମୀଙ୍କୁ ବଣ୍ଟନ କରି ପରିବେଶ ସୁରକ୍ଷା ସମ୍ବନ୍ଧରେ ଯତ୍ନବାନ ହେବା ପାଇଁ ସଚେତନ କରାଇଥିଲେ। ପରେ କନ୍ୟା ଭ୍ରୁଣ ହତ୍ୟା, ଶିକ୍ଷାର ପ୍ରଚାର ପ୍ରସାର ଦିଗରେ ଏକ ସଚେତନତା କାର୍ଯ୍ୟକ୍ରମ କରାଇଥିଲେ। ଏଥିରେ ଉଭୟ ପକ୍ଷର ପରିବାର, ଗ୍ରାମବାସୀ, ବନ୍ଧୁ ପରିଜନ, ଅତିଥି, ବିଭିନ୍ନ ସାମାଜିକ ସଂଗଠନ, ବଣମଲ୍ଲି ସାହିତ୍ୟ ଓ ସେବା ସଙ୍ଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ନବଦମ୍ପତି ଲୋକଙ୍କୁ ଚାରା ବଣ୍ଟନ କରୁଛନ୍ତି।

# ନାଳକୂଳ-ଭଗବାନପୁର ସେତୁ ବିପଦସଙ୍କୁଳ

## ସେତୁରୁ କଂକ୍ରିଟ ଉଠିଯାଇ ରଡ୍ ଦେଖାଯାଉଛି

ବ୍ରହ୍ମବରଦା,୧୫।୭ (ଯଯାତି କେଶରୀ ବେହେରା):

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ନାଳକୂଳ-ଭଗବାନପୁର ସେତୁଟି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ସେତୁଟି ବ୍ରାହ୍ମଣୀର ଶାଖା କେଲୁଅ ନଦୀ ଉପରେ ଅବସ୍ଥିତ। ଦ୍ୱୀପାଞ୍ଚଳରେ ବ୍ରହ୍ମବରଦା ଏକ ବାଣିଜ୍ୟିକ ଓ ଶିକ୍ଷାର ପେଣ୍ଠସ୍ଥଳ। ସ୍କୁଲ୍, କଲେଜ ହେଉ କି ବ୍ୟାଙ୍କ ଅବା ଡାକ୍ତରଖାନାକୁ ଯିବା ଆସିବା ପାଇଁ ଏହି ସେତୁର ନିତାନ୍ତ ଆବଶ୍ୟକ ରହିଛି। ଏହି ସେତୁ ଉପରେ ପ୍ରାୟତଃ ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ଗମନାଗମନ ପାଇଁ ନିର୍ଭର କରିଥାନ୍ତି।

ବିଭିନ୍ନ ସମୟରେ ଉକ୍ତ ରାସ୍ତାଦେଇ ଲୁହାପଥର ବୋଝେଇ ଟ୍ରକ୍‌ଗୁଡ଼ିକ ପାରାଦୀପ ବନ୍ଦର ଅଭିମୁଖେ ଯିବା ଆସିବା କରୁଛନ୍ତି। କିଛିଦିନ ହେବ ଏହି ସେତୁ ମଝି ଅଂଶର ଉପର ଭାଗ ୫ରୁ୬ଫୁଟ ଯାଏ କଂକ୍ରିଟ ଉଠିଯାଇଛି ଏବଂ ଲୁହା ରଡ୍‌ଗୁଡ଼ିକ ବାହାରିପଡ଼ିଛି। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସେତୁଟି ଅଣଓସାରିଆ ହୋଇଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବା ନଜରକୁ ଆସିଛି। ନିମ୍ନମାନର କାମ ଓ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ୧୦ବର୍ଷ ପୂର୍ବେ ନିର୍ମିତ ହୋଇଥିବା ଏହି ସେତୁର ଅବସ୍ଥା ଏପରି ହୋଇଛି। ତେଣୁ ପ୍ରଶାସନ ତୁରନ୍ତ ପୋଲ ମରାମତି କରିବାକୁ ସ୍ଥାନୀୟ ଜନସାଧାରଣ ନିବେଦନ କରିଛନ୍ତି।



# ଶୋଚନୀୟ ପଟ୍ଟାମୁଣ୍ଡାଇ ରାସ୍ତା

କେନ୍ଦ୍ରାପଡ଼ା,୧୫।୭ (ଜଗନ୍ନାଥ ଧଳ)

**ପାଣି ଜମି ଯାତାୟାତ ବାଧାପ୍ରାପ୍ତ**

ରାଜ୍ୟ ସରକାର ଗମନାଗମନ କ୍ଷେତ୍ରରେ ଉନ୍ନତି ଆଣିବା ନିମନ୍ତେ ବିଭିନ୍ନ ଯୋଜନାରେ ଅର୍ଥ ଖର୍ଚ୍ଚ କରୁଛନ୍ତି । ବିଭାଗୀୟ ଅଧିକାରୀ ଓ ଲୋକପ୍ରତିନିଧିଙ୍କ ଆନ୍ତରିକତା ଅଭାବରୁ ଅନେକ ରାସ୍ତା ଶୋଚନୀୟ ହୋଇପଡୁଥିଲେ ମଧ୍ୟ ତାହାର ମରାମତି କରାଯାଉନାହିଁ। ସେହି ରାସ୍ତାରେ ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧି ଯାତାୟତ କରୁଥିଲେ ମଧ୍ୟ ଏଥିପ୍ରତି ନଜର ପଡୁନାହିଁ । ଫଳରେ ରାସ୍ତାରେ ଯାତାୟତ କରୁଥିବା ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାର ଏକ ଉଦାହରଣ ପଟ୍ଟାମୁଣ୍ଡାଇ କଲେଜ ରୋଡ ଡାକବଙ୍ଗଳା ପାଖ ମୁଖ୍ୟ ରାସ୍ତାରେ ଦେଖିବାକୁ ମିଳିଛି । ଗୋଟିଏ ଦିନ ଲଗାଣ ବର୍ଷାରେ ପଟ୍ଟାମୁଣ୍ଡାଇ ମୁଖ୍ୟ ରାସ୍ତା ଜଳମଗ୍ନ ହୋଇଛି।

ପଟ୍ଟାମୁଣ୍ଡାଇ-ରାଜନଗର ମୁଖ୍ୟ ରାସ୍ତାର ଡାକବଙ୍ଗଳା(ମେଡିକାଲ) ଛକରୁ ବାସୁପାତ୍ର ଗଳି ପର୍ଯ୍ୟନ୍ତ ବର୍ଷା ହେଲେ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମି ଯାତାୟତରେ ବାଧାସୃଷ୍ଟି କରୁଛି। ଶନିବାରଠାରୁ ଆଗାମୀ ୩ ଦିନ ଯାଏ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶନିବାର ସକାଳୁ ବର୍ଷା ଲାଗି ରହିଛି। ଫଳରେ ଏହି ରାସ୍ତାଟି ଜଳମଗ୍ନ ହୋଇ ରହିଛି। ଏହି ରାସ୍ତାରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଥିବା ସହିତ ଏମ୍ଏନ୍ ହାଇସ୍କୁଲ, ପଟ୍ଟାମୁଣ୍ଡାଇ କଲେଜ, ମହିଳା କଲେଜ ଏବଂ ୫ରୁ ଅଧିକ ରାଷ୍ଟ୍ରୟତ ବ୍ୟାଙ୍କ ରହିଛି। ଏହି ରାସ୍ତା ବଜାରର ପ୍ରବେଶ ପଥ ହୋଇଥିବାରୁ ସଦାବେଳେ ଜନଗହଳି ଲାଗିରହିଥାଏ । ଉକ୍ତ ରାସ୍ତାଦେଇ



ରାସ୍ତାରେ ଜମିଛି ବର୍ଷା ଜଳ।

ଲୋକେ ତହସିଲ,ବ୍ଲକ ଓ କୋର୍ଟ ଆଦି କାର୍ଯ୍ୟାଳୟକୁ ଦୈନିକ ଶତାଧିକ ଲୋକ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି । ଏପରି କି ଏହି ରାସ୍ତାଟି ମହାକାଳପଡ଼ା, ରାଜନଗର ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା। ଦୈନିକ ହଜାର ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ଅପରପକ୍ଷେ ସବୁଠାରୁ ଦୁଃଖ ଓ ପରିତାପର ବିଷୟ ଯେ, ଏହି ରାସ୍ତାଟି ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଥିବା ଜାତୀୟ ଉଦ୍ୟାନ ଭିତରକନିକାକୁ ମଧ୍ୟ ସଂଯୋଗ କରୁଛି । ଦୈନିକ ଶତାଧିକ ଲୋକ ବିଭିନ୍ନ ସ୍ଥାନରୁ ଆସିଥାନ୍ତି । କିନ୍ତୁ ଏହି ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଅନେକ ସମୟରେ ଛୋଟମୋଟ ଦୁର୍ଘଟଣା ଘଟୁଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ବର୍ଷାପାଣି ଲହଡ଼ି ଭାଙ୍ଗୁଛି। ଏହି ରାସ୍ତାକଡ଼ରେ ଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡିକୁ ଗ୍ରାହକମାନେ ମଧ୍ୟ ପାଣିରେ ପଶି ଯାଉଛନ୍ତି । ଦୀର୍ଘଦିନ ହେବ ରାସ୍ତା ଅବସ୍ଥାରେ ସୁଧାର ଆସୁ ନ ଥିବାରୁ ଏହାର ମରାମତି ଓ ପାଣି ନିଷ୍କାସନ ନିମନ୍ତେ ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବ୍ୟବସାୟୀଙ୍କ ସମେତ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଅଗଷ୍ଟ ୯ରେ ସମିତି ସଭ୍ୟା ଉପନିର୍ବାଚନ

**ମାର୍ଶାଘାଇ,୧୫।୭ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):** କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଦୁମୁକା ଗ୍ରାମ ପଞ୍ଚାୟତର ଖାଲି ଥିବା ସମିତି ସଭ୍ୟା ପଦବୀ ପାଇଁ ଆସନ୍ତା ଅଗଷ୍ଟ ୯ ରେ ଉପନିର୍ବାଚନ ହେବ ବୋଲି ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି। ଜୁଲାଇ ୬ରୁ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ଚଳିତ ମାସ ୧୪, ୧୫ ଓ ୧୭ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ ହେବ । ୧୮ରେ ଯାଞ୍ଚ. ଓ ୨୦ରେ ପ୍ରତ୍ୟାହାର ପାଇଁ ବ୍ୟବସ୍ଥା ରହିଛି। ଅଗଷ୍ଟ ୯ ରେ ପଞ୍ଚାୟତର ମୋଟ ୧୭ଟି ବୁଥରେ ମତଦାନ କରାଯିବ । ପଞ୍ଚାୟତର ଏହି ସମିତି ସଭ୍ୟା ପଦବୀ ଅନୁସୂଚିତ ଜନ ଜାତି ପାଇଁ ସଂରକ୍ଷିତ ରହିଛି । ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନରେ ସମିତି ସଭ୍ୟା ଭାବେ ଗୀତାଞ୍ଜଳି ପ୍ରଧାନ ବିଜୟୀ ହୋଇଥିଲେ । ମାତ୍ର ଗତ ବର୍ଷ ଡିସେମ୍ବର ୧ ତାରିଖ ରେ ତାଙ୍କର ପରଲୋକ ଘଟିଥିବାରୁ ଉକ୍ତ ପଦବୀ ଖାଲି ପଡିଥିଲା ।

### ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ପରଲୋକ

**ପାଟକୁରା,୧୫।୭(ରବୀନ୍ଦ୍ରନାଥ ବାରିକ):** ପାଟକୁରା ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାମନ୍ତସିଂହାରଙ୍କ ଶନିବାର ଭୋରୁ ଭୁବନେଶ୍ୱର କେୟାର ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି। ସେ ପାଟକୁରା କହ୍ନେଇଲାଲ ମନ୍ଦିର ପରିଚାଳନା କମିଟିର ଅଧକ୍ଷ ଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ପାଟକୁରା ହାଇସ୍କୁଲ ଓ କହ୍ନେଇଲାଲ ମନ୍ଦିରର



ରମେଶ ଚନ୍ଦ୍ର ସାମନ୍ତସିଂହାର

ଅନେକ ବିକାଶ ମୂଳକ କାର୍ଯ୍ୟ ହୋଇଥିଲା। ସେ ଜଣେ ଭଲ ଶିକ୍ଷକ ହୋଇଥିବାରୁ ଛାତ୍ରୀଛାତ୍ରଙ୍କ ମହଲରେ ବେଶ ଆଦୃତ ହୋଇପାରିଥିଲେ। ତାଙ୍କର ଦେହାନ୍ତ ଖବର ଜଣାପଡିବା ପରେ ଅନେକ ପୁରାତନ ଛାତ୍ର ଓ ଶୁଭେଚ୍ଛୁ ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। କହ୍ନେଇଲାଲ ଜୀଉ ମନ୍ଦିର ପରିଚାଳନା କମିଟି ତରଫରୁ ତାଙ୍କ ପାର୍ଥିବ ଶରୀରରେ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇଥିଲା। ତାଙ୍କ ମରଶରୀରକୁ ଅନ୍ତିମ ଦର୍ଶନ ପାଇଁ କର୍ମସ୍ଥଳୀ ପାଟକୁରା ହାଇସ୍କୁଲ ପରିସରକୁ ନିଆଯାଇଥିଲା। ସେଠାରେ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ମରଶରୀରତରେ ପୁଷ୍ପଗୁଚ୍ଛ ଦେଇ ଅନ୍ତିମ ସମ୍ମାନ ଜଣାଇଥିଲେ। ସ୍ୱର୍ଗତ ସାମନ୍ତସିଂହାରଙ୍କ ଜନ୍ମ ସ୍ଥାନ ଗରଦପୁର ବ୍ଲକ ଅଧୀନ ପାଟକୁରା ଗ୍ରାମ ପଞ୍ଚାୟତର ଜଗଦଳପୁର ଗ୍ରାମରେ। ଜଗଦଳପୁର ଗ୍ରାମର ଚିତ୍ରୋତ୍ପଳା ନଦୀ କୂଳରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପର୍ଣ୍ଣ ହୋଇଛି। ତାଙ୍କ ଦେହାନ୍ତ ରେ ପାଟକୁରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଶ୍ରାବଣରେ ବଢୁଛି କେତକୀ ଫୁଲର ଚାହିଦା

ମହାକାଳପଡ଼ା,୧୫।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଶ୍ରାବଣ ମାସରେ ମହାଦେବଙ୍କ ମସ୍ତକରେ ଜଳଲାଗି ସହିତ କେତକୀ ଫୁଲର ଚଢ଼ାଇବାର ବିଧି ରହିଛି। କେତକୀ ଫୁଲ ମହାଦେବଙ୍କ ମସ୍ତକରେ ଲାଗି କଲେ କୋଟି ଜନ୍ମର ଫଳ ମିଳେ ବୋଲି ବିଶ୍ୱାସ ରହିଛି। ଦିନ ଥିଲା କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ଦୋରସା, ବାଲିଆ ଢିପ ଓ ସ୍ତୁପ ଉପରେ ପ୍ରଚୁର ପରିମାଣରେ କିଆ ଗଛ ଦେଖିବାକୁ ମିଳୁଥିଲା। ପରବର୍ତ୍ତୀ ସମୟରେ ସେହି ଅଞ୍ଚଳରେ ଜନବସତି ଗଢ଼ି ଉଠିବା ଫଳରେ କିଆ ଗଛର ସଂଖ୍ୟା କମିଛି । ଏବେ ସେଠାରେ ଅଳ୍ପ କିଆ ଗଛ ଦେଖିବାକୁ ମିଳୁଛି। ବିଶେଷକରି କିଆ ଗଛର ଅଣ୍ଡିରା ଫୁଲରୁ ଅତର ପ୍ରସ୍ତୁତ ହୋଇଥାଏ। ଏହି ଫୁଲ ଫୁଟିବାର ୪ ଘଣ୍ଟା ପୂର୍ବରୁ ଯତ୍ନ ସହକାରେ ଏକ ମାଟି ପାତ୍ରରେ ଘୋଡ଼ାଇ ରଖାଯାଏ। ପରେ ବ୍ୟବସାୟୀମାନେ କମ ଦରରେ ସ୍ଥାନୀୟ ଲୋକମାନଙ୍କଠାରୁ କେତେକୀ ଫୁଲ ସଂଗ୍ରହ କରିଥାନ୍ତି। ବିଶେଷ କରି କେତକୀ ଫୁଲ ଗଞ୍ଜାମ, ଢେଙ୍କାନାଳ, ବାଲେଶ୍ୱର, ପୁରୀ, ନୟାଗଡ଼ ଆଦି ଅଞ୍ଚଳକୁ ପଠାଯାଇଥାଏ। ବ୍ୟବସାୟୀମାନେ ଆସି କମ୍ ଦରରେ କେତକୀ ଫୁଲ କିଣି ଚଢ଼ା ଦରରେ ଅନ୍ୟ ଅଞ୍ଚଳକୁ ପଠାଇ ଥାଆନ୍ତି । ଏହି ଫୁଲରୁ



ମହାକାଳପଡ଼ା ବ୍ଲକ ଅଧୀନ ମହାନଦୀ ଅବବାହିକା ଅଞ୍ଚଳରେ କେତକୀ ଫୁଲ ଫୁଟିଛି ।

- **ଅତର,ଖଇର ପ୍ରସ୍ତୁତ ପାଇଁ ରାଜ୍ୟ ବାହାରକୁ ଚାଲାଣ**
- **ପୂଜାପର୍ବରେ ଖୋଜାପଡୁଛି କେତକୀ ଫୁଲ**

ଅତର ପ୍ରସ୍ତୁତ ପରେ ଖଇର, ସୁଗନ୍ଧ ଧୂପ ଓ ଅଗରବତି ପ୍ରସ୍ତୁତ କରାଯାଇଥାଏ।

ମହାକାଳପଡ଼ା ବ୍ଲକର ଆଖଡ଼ାଶାଳୀ, ସାବିନୀ, ମହୁଲକନ୍ଧା, ନଳଗୋଠ, ପିତାପାଟ, ବରକ ବହାକୁଦ, ଶିଖର, ବାଙ୍କିଛନ୍ଦା, ବିଜୟନଗର, ରାମନଗର, ରାଜେନ୍ଦ୍ର ନଗର, ପଲ୍ଲୀଗଡ଼, ହରିଆବାଙ୍କ, ବାଲିଢିପ, ଜମ୍ବୁ, ରାମଚଣ୍ଡୀ ଆଦି ସ୍ଥାନରେ ବ୍ୟାପକ ପରିମାଣରେ କିଆ ଜଙ୍ଗଲ ଦେଖିବାକୁ ମିଳୁଥିଲା । ଅଦ୍ୟାବଧି ପୂର୍ବ ଅପେକ୍ଷା କେତେକ ସ୍ଥାନରେ କିଆ ଗଛ ଦେଖିବାକୁ ମିଳୁଛି ବୋଲି ସାମାଜିକ କର୍ମୀ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି।

# ପିଏମ୍ଏୱାଇ ଗୃହ ନିର୍ମାଣ: ଜନପ୍ରତିନିଧି, କର୍ମଚାରୀଙ୍କୁ ପ୍ରଶିକ୍ଷଣ

ରଘୁନାଥପୁର,୧୫।୭ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ପଞ୍ଚାୟତ ସମିତି ସଭାକକ୍ଷରେ ଏବିଡିଓ ଅଶୋକ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ପିଏମଏୱାଇ (ପ୍ରଧାନମନ୍ତ୍ରୀ ଆବାସ ଯୋଜନା)ଗୃହ ନିର୍ମାଣ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟାସଭ୍ୟ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଆର୍ଏସ୍ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ପ୍ରଶିକ୍ଷକ ଭାବେ ଯଜ୍ଞଶରୀ ଯୁବକ ସଂଘ ନିମାପଡାର କର୍ମକର୍ତ୍ତା ରଞ୍ଜନ କୁମାର ମହାନ୍ତି ଓ ଶରତ ଚନ୍ଦ୍ର ନାୟକ ଯୋଗଦେଇ ହିତାଧିକାରୀଙ୍କ ଦ୍ୱାରା ନିର୍ମାଣ ହେଉଥିବା ଘର କାର୍ଯ୍ୟଶୈଳୀ, ସମୟ ଅବଧି ଓ ସରକାରଙ୍କ ପକ୍ଷରୁ ହିତାଧିକାରୀଙ୍କ ପାଇଁ ଥିବା ପ୍ରୋତ୍ସାହନ ରାଶି ସମ୍ପର୍କରେ ଆଲୋଚନା କରିଥିଲେ। ସରକାରଙ୍କ ଗାଇଡଲାଇନ ଅନୁଯାୟୀ, ଜଣେ ହିତାଧିକାରୀ ୪ମାସ ମଧ୍ୟରେ ଘର ନିର୍ମାଣ ଶେଷ କଲେ କିପରି ୨୦ ହଜାର ଟଙ୍କା ପ୍ରୋତ୍ସାହନ ସ୍ୱରୂପ ପାଉଛନ୍ତି ସେ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିପରି ୯୦ ଦିନ ମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ କରି ଅତିରିକ୍ତ ୨୧ ହଜାର ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିପାଇଁ ସମସ୍ତ ଜନପ୍ରତିନିଧି ଓ ସରକାରୀ କର୍ମଚାରୀମାନେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏବିଡିଓ ମହାନ୍ତି ପ୍ରକାଶ କରିଥିଲେ। ଏଥିସହ ସମୟ ଅନୁସାରେ କାର୍ଯ୍ୟର ତଦାରଖ ଓ ହିତାଧିକାରୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ପାଇଁ ଯନ୍ତ୍ରୀମାନଙ୍କୁ ସହକାରୀ ଯନ୍ତ୍ରୀ ସଫିଲ ପ୍ରଧାନ ପରାମର୍ଶ ଦେଇଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

# ବଳିତର ଘାଟ ସେତୁ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

କେନ୍ଦ୍ରାପଡ଼ା,୧୫।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଓଳାଭର ଯାଦବ ଭବନଠାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀନିବାସ ପ୍ରଧାନଙ୍କ ସଂଯୋଜନାରେ ଏକ ଖବରଦାତା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି । ଆଳି-କନିକାର ବହୁଦିନର ଦାବି ପାରିନୂଆପଡ଼ାଠାରେ ଖରସ୍ରୋତା ନଦୀର ବଳିତର ଘାଟରେ ଏକ ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାର ୯୭ କୋଟି ୨୫ ଲକ୍ଷ ଟଙ୍କା ମଞ୍ଜୁର କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆଳିର ବିଧାୟକ ତଥା ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ କେଶରୀ ଦେବଙ୍କୁ ପ୍ରଧାନ କୃତଜ୍ଞତା ଜ୍ଞାପନ କରିଛନ୍ତି । ସୂଚନାଯୋଗ୍ୟ, ରାଜା ସାହେବ ଶରତ ଦେବଙ୍କ ଏହା ସ୍ୱପ୍ନ ଥିଲା। ଏହି ସେତୁ ହେବା ଦ୍ୱାରା କେନ୍ଦ୍ରାପଡ଼ା ଜିଲାରୁ ଭଦ୍ରକ ଜିଲାର ଶୈବ ପୀଠ ଆରଡ଼ି ଧାମକୁ ସିଧା ସଂଯୋଗ ହେବା ସହ ପଶ୍ଚିମ କନିକାବାସୀଙ୍କ ଜିଲା ସଦର ମହକୁମାକୁ ସିଧାସଳଖ ଯୋଗାଯୋଗ ହୋଇପାରିବ। କୋର୍ଟ କଚେରୀ ତଥା ରାଜଧାନୀକୁ ୨୦ କିମି ରାସ୍ତା କମିଯିବା ସହ ବିକାଶର ନୂଆ ଫର୍ଦ୍ଦ ଯୋଡ଼ିହେବ ବୋଲି ସେ କହିଥିଲେ । ଏହି ଖବରଦାତା ସମ୍ମିଳନୀରେ ପ୍ରଧାନଙ୍କ ସହ ଯାଦବ ସଂଘର ମନୋଜ ପରିଡ଼ା, ପୂର୍ବତନ ସରପଞ୍ଚ ପ୍ରକାଶ ବାରିକ, ପଞ୍ଚାନନ ଦାସ, ନହୁଣୀ କୃଷି ସମବାୟ ସମିତିର ସଭାପତି ନିମାଇଁ ଚରଣ ଦାସ, ଉତ୍ତମ ସେନାପତି, ମଧୁସୂଦନ ପଣ୍ଡା, ନାରାୟଣ ମହାନ୍ତି, ଗଙ୍ଗାଧର ଦାସ, ସରୋଜ ପଲାଇ, ସୋମନାଥ ପରିଡ଼ା, ସୁଶାନ୍ତ ଦାସ, ଶିବ ମଲ୍ଲିକ, ଅଦିତ୍ୟ ବାରିକ, ଅଶ୍ୱିନୀ ସାମଲ, ଶରତ ବାରିକ, ପ୍ରଫୁଲ୍ଲ ବିଶ୍ୱାଳ, ଅଭୟ ବେହୁରିଆ, ତ୍ରୈଲୋକ୍ୟ ମଲ୍ଲିକ ଓ ହୃଷି ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଗଛ ଲଗାଅ ପରିବେଶ ବଞ୍ଚାଅ

ରଘୁନାଥପୁର,୧୫।୭ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ବରାଗୋଳ ପଞ୍ଚାୟତ ସାନତିହଡ଼ା ପଲ୍ଲିପ୍ରଭା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଯୋଗଦେଇ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିବା ସହ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଏଥିପାଇଁ ଉତ୍ସାହିତ କରିଥିଲେ । ଏହାଛଡ଼ା ଗଛ ଲଗାଅ ପରିବେଶ ବଞ୍ଚାଅ ସ୍ଲୋଗାନ ଦେଇ ବୃକ୍ଷ ଓ ମନୁଷ୍ୟ ମଧ୍ୟରେ ଥିବା ଆଧ୍ୟାତ୍ମିକବାଦ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧକ୍ଷ ବୀରକିଶୋର ରାଉତ ଯୋଗ ଦେଇ ବୃକ୍ଷ ହିଁ ଜୀବନ ବୋଲି କହିବା ସହ ଏସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଗାମୀ ଓଡିଶାର ସଭାପତି ବିଜୟ ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଦାସ ଓ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦଳାଇ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ବେହେରା, ପ୍ରମୋଦିନୀ ବାରିକ, କଳ୍ପନା ସ୍ୱାଇଁ, ଜୋତ୍ସ୍ନାରାଣୀ ସ୍ୱାଇଁ, ଲୀଳାବତୀ ମହାନ୍ତି, ପ୍ରମିଳା ମଲ୍ଲିକ, ଶିକ୍ଷକ ନିରାକାର ମହାପାତ୍ର, ପ୍ରତାପ ସ୍ୱାଇଁ, ପ୍ରମୋଦ ମିଶ୍ର, ପ୍ରକାଶ ବେହେରା ଓ ବାବାଜୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ବିନୋଦ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# କନକପୁର ଫାଣ୍ଡିକୁ ଥାନାରେ ପରିଣତ କରିବାକୁ ଦାବି

ତିର୍ତ୍ତୋଲ, ୧୫।୭ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ କନକପୁର ଠାରେ ଥିବା ପୋଲିସ ଫାଣ୍ଡିକୁ ଥାନାରେ ପରିଣତ ଲାଗି ଦାବି ହୋଇଛି। ଏହି ଫାଣ୍ଡି ଗତ ୨୦୦୨ ଅଗଷ୍ଟ ୧ରେ ଉଦ୍‌ଘାଟିତ ହୋଇଥିଲା। ଏହା ଅଧୀନରେ ବ୍ଲକ ଅଞ୍ଚଳର ୭ ପଞ୍ଚାୟତ ଅନ୍ତର୍ଭୁକ୍ତ। ଏସବୁ ପଞ୍ଚାୟତ ମଧ୍ୟରୁ କେତୋଟି ପଞ୍ଚାୟତ ସମ୍ବେଦନଶୀଳ ଓ ଉତ୍ତେଜନା ପ୍ରବଣ ରହିଛି। ଏଭଳିସ୍ଥିତିରେ ସ୍ୱଳ୍ପସଂଖ୍ୟକ କର୍ମୀଙ୍କୁ ନେଇ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ପୋଲିସ ପାଇଁ କାଠିକର ପାଠ ହୋଇଛି। ଫାଣ୍ଡି ଅଧୀନରେ ଥିବା ଅଞ୍ଚଳର ପରିସୀମା ବିସ୍ତୃତ ଓ ବ୍ୟାପକ ହୋଇଥିବାରୁ ପୋଲିସ ସମସ୍ତ ଘଟଣାସ୍ଥଳରେ ଠିକ୍ ସମୟରେ ପହଞ୍ଚିପାରୁନାହିଁ। ଅପରପକ୍ଷେ ଏହି ଫାଣ୍ଡି ଝଙ୍କଡ଼ସ୍ଥିତ ଶାରଳା ପୀଠ ନିକଟରେ ହୋଇଥିବାରୁ ବର୍ଷସାରା ମା'ଶାରଳାଙ୍କର ବିଭିନ୍ନ ଜାନିଯାତ୍ରା ଓ ପର୍ବପର୍ବାଣି ଉପଲକ୍ଷେ ଏଠାରେ ବିପୁଳ ଜନସମାଗମ ହୋଇଥାଏ। ଯାନବାହନ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଅଧିକ ପୋଲିସ ଏଠାକୁ ଆସିଥାନ୍ତି। ମାତ୍ର ପୋଲିସ ବାରାକ୍ ନ ଥିବାରୁ ସେମାନଙ୍କୁ ନିକଟସ୍ଥ ସ୍କୁଲ ଘରେ ଓ ଅନ୍ୟ ସ୍ଥାନରେ ରହିବାକୁ ପଡ଼ିଥାଏ। ଫଳରେ ପିଲାଙ୍କ ପାଠ ପଢ଼ାରେ ମଧ୍ୟ ବ୍ୟାଘାତ ସୃଷ୍ଟି ହୁଏ । ଏହାକୁ ଦୃଷ୍ଟିରେ ରଖି କନକପୁର ପୋଲିସ ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ଦାବି କରାଯାଇଛି। ଗତ ଜୁନ ୩୦ରେ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କ ଶାରଳା ପୀଠ ପରିଦର୍ଶନ ସମୟରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଇଂ. ସୁମିତ ଦାସଙ୍କ ନେତୃତ୍ୱରେ ଏଥିନିମନ୍ତେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି।

# କେନାଲରେ ପାଣି ନାହିଁ, ତଳି ପ୍ରଭାବିତ

ଜଗତ୍‌ସିଂହପୁର, ୧୫।୭
(ପ୍ରମୋଦ କୁମାର ନାୟକ)

- **ଶନିବାର ବର୍ଷା ଚାଷୀଙ୍କ ମନରେ ଆଶା ସଞ୍ଚାରିଛି**
- **ଚଳିତ ବର୍ଷ ୩୫ ପ୍ରତିଶତ କମ୍ ବର୍ଷା ହୋଇଛି**

ପ୍ରତିବର୍ଷ ଜୁନ ଶେଷ ସୁଦ୍ଧା କେନାଲରେ ପାଣି ଆସିବା କଥା। କିନ୍ତୁ ଏପର୍ଯ୍ୟନ୍ତ ଜଗତ୍‌ସିଂହପୁର ଜିଲା ମାଛଗାଁ ମୁଖ୍ୟ କେନାଲର ୧୯(ଏ) ଡିଷ୍ଟ୍ରିବ୍ୟୁଟାରୀରେ ପାଣି ନାହିଁ । ଅନ୍ୟପଟେ ଚଳିତବର୍ଷ ୩୫ ପ୍ରତିଶତ କମ୍ ବର୍ଷା ହୋଇଛି । ଆଉ ଯେଉଁ ବର୍ଷା ହୋଇଛି ତାହା ଚାଷ କାମରେ ଆସିନାହିଁ । ଏଥିଯୋଗୁ ଜଗତ୍‌ସିଂହପୁର ଜିଲାର ଚାଷୀମାନେ ତଳି ପକାଇ ନିରାଶ ହୋଇଛନ୍ତି । ଅଧିକାଂଶ ତଳି ମାଡ଼ ଖାଇ ଯାଇଥିବାରୁ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି । ସୌଭାଗ୍ୟବଶତଃ ଶନିବାର ବର୍ଷା ଚାଷୀଙ୍କ ମନରେ ଆଶା ସଞ୍ଚାର କରିଛି । କିନ୍ତୁ ସମୟ ଗଡ଼ି ଚାଲିଥିବାରୁ କେତେଦୂର ସଫଳ ହେବେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳିସ୍ଥିତିରେ ଯଦି ଅନୁକୂଳ ପାଣିପାଗ ଓ ୨ ଦିନ ଭିତରେ କେନାଲରେ ପାଣି ନ ଆସେ ତେବେ ଯାହା କିଛି ତଳି ବଞ୍ଚି ରହିଛି ତାହା ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି ।

ଏ ସମ୍ପର୍କରେ ନାଉଗାଁ ବ୍ଲକ ଏରଡ଼ା ଗ୍ରାମର ମହେନ୍ଦ୍ର କୁମାର ନାୟକ, ବିଭୁତି ନାୟକ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସନ୍ତୋଷ ରାଉତ ପ୍ରମୁଖ କହିଛନ୍ତି, ଜୁନ ୨୦ ଭିତରେ ତଳି ପଡିଥିଲା। ଏଗୁଡିକ ବଞ୍ଚିଥିଲେ ଏବେ ରୁଆ ହୋଇଯିବା କଥା । କିନ୍ତୁ ବର୍ଷା ଅଭାବରୁ ଅଧିକାଂଶ ମାଡ଼ ଖାଇଯାଇଛି । ବିଗତବର୍ଷଗୁଡିକରେ ଗଡ଼ିଆ, ପୋଖରୀରେ ପାଣି ଥିବା କାରଣରୁ ଏହାକୁ ବ୍ୟବହାର କରାଯାଉଥିଲା। ଏଥର ସେଗୁଡିକ ମଧ୍ୟ ଶୁଖିଲା ରହିଛି। ଏ ପରିସ୍ଥିତିରେ ଯାହା କିଛି ତଳି ବଞ୍ଚିଛି ତାହା ରୁଗ୍‌ଣ ସ୍ଥିତିରେ ରହିଛି। ମୋଟାମୋଟି ଭାବେ ଚଳିତବର୍ଷ ତଳି ମରୁଡି ଦେଖାଦେଇଛି। ୧୯(ଏ) ଡିଷ୍ଟ୍ରିବ୍ୟୁଟାରୀଟି ବିରିବାଟିରୁ ୩ କିଲୋମିଟର ତଳ ବୀରବରପାଟଣା, ରମ୍ଭାଦେଈପୁର ଦେଇ କେନ୍ଦାଳ, ମଧୁସୂଦନପୁର, କଣ୍ଟାପଡ଼ା, ଗାଲୁପଡ଼ା, ପୂରଣ, ଜୋତ, ସାଳଜଙ୍ଗ, କାଂସ, ଦେଭୋଗ ଓ ଖଇରଙ୍ଗ ଦେଇ



ପାଖାପାଖି ୨୨ କିଲୋମିଟର ଲମ୍ବିଛି। ଏହି କେନାଲ ଦ୍ୱାରା ୨୧୨୩ ହେକ୍ଟର ଆୟକର୍ଟ କ୍ଷେତ୍ର ଜଳସେଚିତ ହୁଏ। ଏହା ଉପରେ ଭରସା କରି ଜିଲାର ୮୪,୨୭୫ ହେକ୍ଟର ଜମିରେ ଖରିଫ ଧାନ ଚାଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସେଥିରୁ ବୁଣା ୬,୭୬୪ ଓ ରୁଆ ୭୭,୫୧୨ ହେକ୍ଟର ହେବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ମାତ୍ର ଏ ପର୍ଯ୍ୟନ୍ତ କେବଳ ୩,୫୧୧ ହେକ୍ଟର ଜମିରେ ବିହନ ବୁଣାଯାଇଛି । ଚାଷୀ ପାଖାପାଖି ୧,୫୦୦ ହେକ୍ଟର ଜମିରେ ତଳି ପକାଇଛନ୍ତି । ମାତ୍ର ଏପର୍ଯ୍ୟନ୍ତ କୌଣସି ସ୍ଥାନରେ ରୁଆ ଆରମ୍ଭ ହୋଇନାହିଁ । କାରଣ କେନାଲରେ ପାଣି ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏ ସମ୍ପର୍କରେ ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି, ଖରିଫ୍‌ରେ ୭୦ରୁ ୮୦ ପ୍ରତିଶତ ଜମି କେନାଲ ଦ୍ୱାରା ଜଳସେଚିତ ଓ ଜୁନ ଭିତରେ ଦଳ ସଫା ହେବା କଥା। କିନ୍ତୁ ଏହା ଭିତରେ ଜଳସମ୍ପଦ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ପ୍ରତିବର୍ଷ ବିଭାଗୀୟ ଅଧିକାରୀ ବିଳମ୍ବରେ କେନାଲରେ ପାଣି ଛାଡି ସଫେଇ କରୁଛନ୍ତି । ଏହାଦ୍ୱାରା ବଡ ଧରଣର ଦୁର୍ନୀତି ହେଉଛି । ମାଛଗାଁ କେନାଲରେ ୧୪୦୦ କ୍ୟୁସେକ୍ ପାଣି ଯିବା ପରିବର୍ତ୍ତେ ୮୦୦ କ୍ୟୁସେକ୍ ଯାଉଛି । ୧୯(ଏ)ରେ ମଧ୍ୟ କମ ପାଣି ଯାଉଛି । ଏହାର ପ୍ରତିକାର ନ ହେଲେ ଚାଷୀ ଆନ୍ଦୋଳନ କରାଯିବ ବୋଲି ସ୍ୱାଇଁ କହିଛନ୍ତି ।

ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ନବ କିଶୋର ମହାପାତ୍ରଙ୍କୁ ପଚାରିବାରୁ ବାସ୍ତବରେ ଜଳ ସଙ୍କଟ ଯୋଗୁ ତଳି ପ୍ରଭାବିତ ହୋଇଛି । କିନ୍ତୁ ଏବେ ବର୍ଷା ଆରମ୍ଭ ହୋଇଯାଇଥିବାରୁ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ପାରିବ । ଚାଷୀଙ୍କୁ ଏବେଠାରୁ ତଳି ପକାଇବାକୁ ପଡ଼ିବ । ଯଦିଓ ମୂଳିଆ ସମସ୍ୟା ଚାଷୀଙ୍କୁ ଚିନ୍ତାରେ ପକାଉଛି ତଥାପି ଅନ୍ୟ କିଛି ବାଟ ନାହିଁ । କେନାଲରେ ୨ ଦିନ ଭିତରେ ପାଣି ପହଞ୍ଚି ଯିବାର ଅଛି। ତେଣୁ ଆଗକୁ ସେଭଳି ଅସୁବିଧା ହୋଇ ନ ପାରେ ବୋଲି ମହାପାତ୍ର କହିଛନ୍ତି ।

## ସଂକ୍ଷେପରେ

### ପ୍ରଧାନଶିକ୍ଷକ ନିଲମ୍ବିତ

ରାୟଗଡ଼(ଗଜପତି)୧୫ା୭(ଜ୍ୟୋତିପ୍ରକାଶ ପାଣି): ଗଜପତି ଜିଲା ରାୟଗଡ଼ ବ୍ଲକ ସାଦରସ୍ଥ ବ୍ଲକ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାମପ୍ରସାଦ ବେହେରାଙ୍କୁ କାର୍ଯ୍ୟରେ ଅବହେଳା ଯୋଗୁଁ ଜିଲା ଶିକ୍ଷା ଅଧିକାରୀ ନିଲମ୍ବିତ କରିଛନ୍ତି। ଶିକ୍ଷକ ବେହେରା ଉକ୍ତ ବିଦ୍ୟାଳୟରେ ଯୋଗ ଦେବା ଦିନଠାରୁ ପ୍ରତ୍ୟେକ କ୍ଷେତ୍ରରେ ସେ ତାଙ୍କ କାର୍ଯ୍ୟ ଠିକ୍ ଭାବରେ ସମ୍ପାଦନା କରୁନଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏହାକୁ ଭିତ୍ତିକରି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଦେଶ ପତ୍ର ସଂଖ୍ୟା - ୩୪୦୦/ପିଆରୱାଇ - ୨/୨୩, ତାରିଖ - ୧୩/୭/୨୩ ରେ ଚିଠି ନଂ - ୬୯୪ ଅନୁଯାୟୀ କାର୍ଯ୍ୟରେ ଅବହେଳା ଯୋଗୁଁ ସସ୍‌ପେଣ୍ଡ କରାଯାଇଥିବା ଜଣାପଡିଛି। ନିଲମ୍ବିତ ସମୟରେ ତାଙ୍କୁ ଜିରାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ନିୟୋଜିତ କରିଥିବା ଜଣାପଡିଛି।

### ଶିଶୁ ସୁରକ୍ଷା ସଚେତନତା

ଦାରିଙ୍ଗବାଡ଼ି,୧୫ା୭(ଅରୁଣ ସାହୁ): ଦାରିଙ୍ଗବାଡ଼ି ବ୍ଲକ ସରକାରୀ ଆଇଟିଆଇ ପରିସର ମଧ୍ୟରେ ଶିଶୁ ସୁରକ୍ଷା ଓ ଯୌନ ଶୋଷଣ ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇଟିଆଇର ଅଧକ୍ଷ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଦାରିଙ୍ଗବାଡି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କ୍ୟାଡର ଏପିପି ସୁରେଶ ପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ, ସିଡିପିଓ ଅଞ୍ଜଳି ମହାପାତ୍ର, ବରିଷ୍ଠ ସରକାରୀ ଓକିଲ ଉମେଶ କର, ସରକାରୀ ଓକିଲ ପ୍ରବୀର ସାହୁ, ଏକ୍ସନ ଏଇଡର ଜିଲା ସଂଯୋଜିକା ସନ୍ଧ୍ୟା ରାଣୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସରୋଜିନୀ ଦାସ ସଂଯୋଜନା କରିଥିଲେ। ନାବାଳିକାମାନେ କିଭଳି ଯୌନ ନିର୍ଯାତନାରୁ ରକ୍ଷା ପାଇବେ, ଝିଅମାନେ କିଭଳି ସୁରକ୍ଷିତ ରହିବେ ଏବଂ ପୋକ୍ସୋ ଆଇନ ସମ୍ପର୍କରେ ସଚେତନ କରିଥିଲେ। ଛାତ୍ରୀମାନଙ୍କୁ କିଭଳି ଆତ୍ମସୁରକ୍ଷା ଦେବେ ସେ ବିଷୟରେ ସଚେତନ କରାଯାଇଥିଲା। ନାବାଳିକାଙ୍କୁ ଖରାପ ଇଙ୍ଗିତ କରିବା ସହ ଖରାପ ଉଦ୍ଦେଶ୍ୟରେ ସ୍ପର୍ଶ କରିବା, ବିଭିନ୍ନ ଆଳ ଦେଖାଇ ନାବାଳିକାଙ୍କୁ ପ୍ରଶଂସା କରି ଖରାପ ନଜରରେ ଦେଖିବା ଆଦି ପୋକ୍ସୋ ଆଇନରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯିବା ସହ ପୋକ୍ସୋ ଆଇନ ସମ୍ପର୍କରେ ସଚେତନ କରାଯାଇଛି।

### ପାଞ୍ଚ ପ୍ରାଣୀ କୁଟୁମ୍ବ ବେସାହାରା



ଧରାକୋଟ,୧୫ା୭(ବିଷ୍ଣୁକେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ଅନ୍ତର୍ଗତ ବାହାରପୁର ପଞ୍ଚାୟତର କାଠଗଡା ଗ୍ରାମରେ ଏକ ଝାଟି ମାଟି କୁଡିଆ ଘର ଭାଙ୍ଗିଯିବାରୁ ଗ୍ରାମର ଟୁକୁନା ସେଠୀ, ସଜନୀ ସେଠୀ ଓ ତାଙ୍କର ତିନି ଝିଅ ଓ ଜଣେ ପୁଅ ବେସାହାରା ହୋଇଯାଇଛନ୍ତି । ଶୁକ୍ରବାର ଟୁକୁନା ଘରେ ଖାଇବା ପାଇଁ ବସିଥିବା ବେଳେ ଅଚାନକ ଘରଟି ଭାଙ୍ଗି ପଡ଼ିଥିଲା । ଗ୍ରାମର ଲୋକମାନେ ଭଙ୍ଗା କୁଡିଆ ମଧ୍ୟରୁ ପରିବାର ଲୋକଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ସରପଞ୍ଚଙ୍କ ପ୍ରତିନିଧି ବାବୁଲା ନାୟକ ଓ ସମିତି ସଭ୍ୟ ପ୍ରତିନିଧି ମାନସ ରଞ୍ଜନ ଜେନା ପହଞ୍ଚି ଅସହାୟ ପରିବାର ଲୋକଙ୍କୁ ଗ୍ରାମର କୋଠ ଘରେ ଥଇଥାନ ବ୍ୟବସ୍ଥା କରିଥିଲେ। ଘଟଣା ସମ୍ପର୍କରେ ସ୍ଥାନୀୟ ବିଡିଓ ଡେନିସ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆସନ୍ତା ପର୍ଯ୍ୟାୟ ଆବାସ ଯୋଜନାରେ ଟୁକୁନାଙ୍କୁ ସାମିଲ ପାଇଁ ଉଦ୍ୟମ କରାଯିବ ବୋଲି ବିଡିଓ ପ୍ରକାଶ ପ୍ରକାଶ କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଟୁକୁନା ଜଣେ ଦିନ ମଜୁରିଆ ଅଟେ।

# ୪ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିମ୍ନମାନର

## ଠିକାଦାରଙ୍କୁ ଚୂଡ଼ାନ୍ତ ନୋଟିସ୍

ଛତ୍ରପୁର,୧୫ା୭(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ନିର୍ମାଣରେ ଅହେତୁକ ବିଳମ୍ବ ହେଉଛି। କେଉଁଠି ଅଧାରୁ କାମ ବନ୍ଦ କରି ଠିକାଦାର ଚମ୍ପଟ ମାରିଥିବାବେଳେ ଆଉ କେଉଁଠି ନିର୍ମାଣ କାର୍ଯ୍ୟ ଶେଷର ସମୟସୀମା ବିତିବାର ବର୍ଷକ ପରେ ବି ସଡ଼କ ନିର୍ମାଣ କାମ ସରୁଛି । କେତେକ ସ୍ଥାନରେ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ରହିଛି । ଏପରିକି ଉକ୍ତ ସଡକ ନିର୍ମାଣ ପରେ ବି ଏହାର ମରାମତି ଠିକାଦାର କରିବାର ନିୟମ ଥିଲେ ମଧ୍ୟ ଏହା ଠିକାଦାର କରୁନାହାନ୍ତି । ଗ୍ରାମ୍ୟ ନିର୍ମାଣ ବିଭାଗ କେବଳ ଠିକାଦାର ଓ ଯନ୍ତ୍ରୀମାନଙ୍କୁ କେବଳ କାରଣ ଦର୍ଶାଅ ନୋଟିସ ଦେଇ ଚୁପ୍ ବସିଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ନିର୍ମାଣରେ ବିଳମ୍ବ ନେଇ ପୂର୍ବରୁ ୧୨ ଜଣ ଠିକାଦାର ଓ ୧୬ ଜଣ ଯନ୍ତ୍ରୀଙ୍କୁ କାରଣଦର୍ଶାଅ ନୋଟିସ ଜାରି ହୋଇଥିଲା । ଏବେ ପୁଣି ନିର୍ମାଣ ହୋଇଥିବା ୪ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକର ମାନ ଠିକ୍ ନଥିବା ଏବଂ ମରାମତି ହେଉନଥିବାରୁ ସମ୍ପୃକ୍ତ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି । ବ୍ରହ୍ମପୁରସ୍ଥିତ ଗ୍ରାମ୍ୟ ନିର୍ମାଣ ଗଞ୍ଜାମ-୧ ର ଅଧୀକ୍ଷଣ ଯନ୍ତ୍ରୀ ଏହି ନୋଟିସ କରିଥିବା ଜଣାପଡିଛି। ସୂଚନା ଅନୁସାରେ, ଆରଡି ରୋଡ୍ ଠାରୁ ଆଦିପୁର, ପିଡବ୍ଲ୍ୟୁଡି ରୋଡ୍ ଠାରୁ ବାଡୁଆ, ପିଡବ୍ଲ୍ୟୁଡି ରୋଡ୍ ଠାରୁ ରାମଚନ୍ଦ୍ରପୁର ଓ ଆରଡି ରୋଡ୍ ଠାରୁ ମଣିତାରା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ନିର୍ମାଣ କାମ ୨୦୨୦ ଅକ୍ଟୋବର ୧ ତାରିଖରେ ସରିଥିଲା । ଏପ୍ରିଲ ମାସରେ ରାଜ୍ୟ କ୍ୱାଲିଟି ମନିଟରିଂ ଟିମ୍ ଗଞ୍ଜାମ ଜିଲାକୁ ଆସି ଉକ୍ତ ୪ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକର ପରିଦର୍ଶନ ସହ ଅନୁଧାନ କରିଥିଲେ । ଉକ୍ତ ରାସ୍ତା ଗୁଡିକର ମାନକୁ ନେଇ ଉକ୍ତ ଟିମ୍ ଅସନ୍ତୋଷ ପ୍ରକାଶ କରିଥିଲେ । ବର୍ତ୍ତମାନ ସୁଦ୍ଧା ଉକ୍ତ ୪ ସଡକର ମରାମତି ଠିକାଦାର କରିନାହାନ୍ତି । ଫଳରେ ଦିନକୁ ଦିନ ଉକ୍ତ ୪ ସଡକ ଅତ୍ୟନ୍ତ ଖରାପ ହେବାରେ ଲାଗିଛି ଏବଂ ଯାହାକି ଚୁକ୍ତି ନିୟମର କ୍ଲଜ୍ ୩୨କୁ ଉଲଂଘନ କରୁଥିବା ଉକ୍ତ ନୋଟିସରେ ଅଧିକ୍ଷଣ ଯନ୍ତ୍ରୀ ଉଲ୍ଲେଖ କରିଛନ୍ତି । ତୁରନ୍ତ ସ୍ଥାନୀୟ ଯନ୍ତ୍ରୀ ଓ ଅଫିସରଙ୍କ ସହ ପରାମର୍ଶ ନେଇ ଉକ୍ତ ୪ ସଡକର ମରାମତି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏସବିଡି କ୍ଲଜ୍ ୪୩.୩ର ସେକ୍ସନ-୪ ଜିସିସି ଆଧାରରେ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯିବନି ଏବଂ ସିକ୍ୟୁରିଟି ଡିପୋଜିଟରୁ ମରାମତି ଖର୍ଚ୍ଚ କାହିଁକି କଟାଯିବନି ସେନେଇ ନୋଟିସ୍‌ର ଉତ୍ତର ଦେବାକୁ କୁହାଯାଇଛି।

# ସଡ଼କ ସୁରକ୍ଷା ସଚେତନତା



ଅତିଥିମାନେ ସଚେତନତା ଗାଡ଼ିକୁ ଉଦ୍‌ଘାଟନ କରୁଛନ୍ତି।

ପାରଳାଖେମୁଣ୍ଡି, ୧୫ା୭(ଗିରିଧାରୀ ପରିଛା):

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ଆଦର୍ଶ ଥାନା ପୋଲିସ ଓ ପରିବହନ ବିଭାଗ ମିଳିତ ଭାବେ ଲୋକଙ୍କୁ ସଚେତନ କରିବାର ପ୍ରୟାସ କରିଛନ୍ତି। ଗାଡି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର ବନ୍ଦ, ନିୟମିତ ହେଲମେଟ ବ୍ୟବହାର କରିବା, ଚାରିଚକିଆ ଯାନ ଚଳାଇବା ସମୟରେ ସିଟ ବେଲ୍ଟ ବ୍ୟବହାର କରିବା, ଟ୍ରାଫିକ ନିୟମ ମାନି ଗାଡି ଚଳାଇବା, ଦ୍ରୁତଗତିରେ ଗାଡି ନ ଚଳାଇବା ଇତ୍ୟାଦି ବାର୍ତ୍ତା ନେଇ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନା ନିକଟରୁ ଏକ ସଚେତନ ରାଲି ବାହାରି ସହର ପରିକ୍ରମା କରିଥିଲା । ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ଲୋକଙ୍କୁ ସଚେତନ କରି ପ୍ରତିଦିନ ଅସାବଧାନତା ଯୋଗୁଁ ହେଉଥିବା ଦୁର୍ଘଟଣାକୁ ରୋକିବା । ପରିବହନ ଅଧିକାରୀ ଶାନ୍ତନୁ କୁମାର ପରିଡା ଓ ପାରଳା ଆଦର୍ଶ ଥାନା ଅଧିକାରୀ ବାବୁଲି ନାୟକ ଏହି ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ ।

# ବସଷ୍ଟାଣ୍ଡ ଓ ଶିଶୁ ଉଦ୍ୟାନ ପାର୍କର ସ୍ଥିତି ଅନୁଧ୍ୟାନ କଲେ ଜିଲା ବିଜେଡି ସଭାପତି

ମୋହନା/ଅଡବା,୧୫ା୭(ମନ୍ମଥ ମିଶ୍ର)

ମୋହନା ସହରରେ ନୂତନ ବସଷ୍ଟାଣ୍ଡ ଦୀର୍ଘବର୍ଷ ହେଲା ଅଧାପନ୍ତରିଆ ଭାବେ ପଡ଼ିରହିଛି। ମୋହନା ସହର ଦେଇ ଅନେକ ଯାତ୍ରୀବାହୀ ବସ ଯାତାୟତ କରୁଛି। ବସଷ୍ଟାଣ୍ଡ ନଥିବାର ସହର ମଧ୍ୟରେ ବସଗୁଡ଼ିକ ରହୁଛି। ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସ୍ଥାନୀୟ ଲୋକଙ୍କ ବିରୋଧ ପରେ ଶୁକ୍ରବାର ବିଜେଡି ଜିଲା ସଭାପତି ଜଗବନ୍ଧୁ ଦାସ ମୋହନା ବସଷ୍ଟାଣ୍ଡରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଦୁଇ ମାସ ଭିତରେ କାର୍ଯ୍ୟକ୍ଷମ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବସଷ୍ଟାଣ୍ଡ ନିକଟରେ ଥିବା ଶିଶୁ ଉଦ୍ୟାନରେ ଅନାବନା ଗଛ ଲତା ଉଠିଗଲାଣି। ଶିଶୁ ଉଦ୍ୟାନ ପାର୍କ ମଧ୍ୟ ଅନୁଧ୍ୟାନ କରି ବୁଲି ଦେଖିଥିଲେ । ଯଥାଶୀଘ୍ର ନିର୍ମାଣ କରିବାକୁ ଉଦ୍ୟମ କରାଯିବ ବୋଲି କହିଥିଲେ। ଏହି ଗସ୍ତ ସମୟରେ ବ୍ଲକ ଅଧକ୍ଷ ରଞ୍ଜୀବ ଶବର, ଜିଲା ପରିଷଦ ଚନ୍ଦ୍ର ମଳିକ, ବିଜେଡି ଉପସଭାପତି ଅନ୍ତର୍ଯ୍ୟାମୀ ଗମାଙ୍ଗ, ଏମପି ପ୍ରତିନିଧି ଭାସ୍କର ସାହୁ, ମହିଳା ନେତ୍ରୀ ପୂର୍ଣ୍ଣବାସୀ ନାୟକ ବୁଲି ଦେଖିଥିଲେ।



ଜିଲା ବିଜେଡି ସଭାପତି ଓ କର୍ମୀଙ୍କ ଗସ୍ତ

### ଚକ୍ଷୁ ରୋଗ ପ୍ରଶିକ୍ଷଣ ଶିବିର

ସୋରଡ଼ା,୧୫ା୭(ଲମ୍ବୋଦର ପାଣିଗ୍ରାହୀ): କେଶବ ଉ.ପ୍ରା.ବିଦ୍ୟାଳୟ ପଳାଶପଲ୍ଲୀ ଏବଂ ଶଙ୍କର ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଶନିବାର ଏକ ଚକ୍ଷୁ ରୋଗ ପ୍ରଶିକ୍ଷଣ ଶିବିର ବିଦ୍ୟାଳୟ ପରିସରରେ ଆୟୋଜନ ହୋଇଯାଇଛି। ଅଶୋକ କୁମାର ଗୌଡ଼ ସଭାପତିତ୍ୱ କରିଥିଲେ ଓ ଶିଶିର କୁମାର ମାଝୀ ଉଦଘାଟନ କରିଥିଲେ। ସାମାଜିକ କର୍ମୀ ଲମ୍ବୋଦର ବିଷୋୟୀ ପରିଚାଳନା କରିଥିଲେ। କେଶବ ଉ.ପ୍ରା.ବିଦ୍ୟାଳୟ ପଳାଶପଲ୍ଲୀର ସମସ୍ତ କର୍ମଚାରୀ ଉପସ୍ଥିତଥିଲେ। ଶଙ୍କର ଚକ୍ଷୁ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞମାନେ ଉପସ୍ଥିତ ଏଏନଏମ, ଆଶା, ଅଙ୍ଗନବାଡ଼ି, ସିଆରପି, ପ୍ରାଣୀମିତ୍ର, କୃଷିମିତ୍ର, ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୭୧ ଜଣଙ୍କୁ ସମସ୍ତ ପ୍ରକାର ଚକ୍ଷୁ ରୋଗ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଚକ୍ଷୁ ରୋଗର ନିଦାନ ଏବଂ ଆଶୁ ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ। ଶଙ୍କର ଚକ୍ଷୁ ଚିକିତ୍ସାଳୟର ନଳିନୀ କାନ୍ତ ରାଉତ (କ୍ୟାମ୍ପ ମ୍ୟାନେଜର), ଭଗବାନ ପଣ୍ଡା ଓ ଶୁଭମ ପାଣିଗ୍ରାହୀ (ଟିମ୍ ଅପଟୋମେଟ୍ରିଷ୍ଟ), ଚିତ୍ରସେନ ଗୌଡ଼ (କ୍ୟାମ୍ପ ସଂଯୋଜକ),ଏନ.ମୁନା ଓ ସୁଶାନ୍ତ ଡାକୁଆ(ଷ୍ଟାଫ) ଶିବିର ପରିଚାଳନା କରିଥିଲେ।

# ଯୁବ ଅବସ୍ଥାରେ ଯାହା ଚାହିଁବ, ତାହା ପାଇବ

## ବିଶ୍ୱ ଯୁବ ଦକ୍ଷତା ଦିବସ

ଦାରିଙ୍ଗବାଡ଼ି,୧୫ା୭(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ସରକାରୀ ଆଇଟିଆଇରେ ଶନିବାର ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ କରାଯାଇଛି। ଏହି ଅବସରରେ ସଭା ଓ ଶୋଭାଯାତ୍ରା କରାଯାଇ ଜନ ସଚେତନତା କରାଯାଇଛି। ଶିବମନ୍ଦିର ପ୍ରାଙ୍ଗଣରୁ ଶତାଧିକ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ସରକାରୀ ଆଇଟିଆଇରେ ପହଞ୍ଚିଥିଲେ। ସେଠାରେ ଆଇଟିଆଇର ଅଧକ୍ଷ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତା ଓ ଶିକ୍ଷୟିତ୍ରୀ ସରୋଜିନୀ ଦାସଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବରେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସୁନାବେଡା ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍‌ଏଏଲ୍)ର ଡେପୁଟି ମ୍ୟାନେଜର (ଟ୍ରେନିଂ) ସତ୍ୟବାଦୀ ଶତପଥୀ, ଭୁବନେଶ୍ୱର ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ବିଭାଗ ଅଧକ୍ଷ ମନୋରଞ୍ଜନ ମହାରଣା, ବିଡିଓ ଗଦାଧର ପାତ୍ର, ପ୍ରେମ ଅନୁଷ୍ଠାନର କାର୍ଯ୍ୟକ୍ରମ ମ୍ୟାନେଜର ସୁଧୀର ଦିଗାଲ ପ୍ରମୁଖ ଯୋଗଦେଇ ଉପସ୍ଥିତ ଦଶମ ଛାତ୍ରୀଛାତ୍ର, ଆଇଟିଆଇର ଛାତ୍ରୀଛାତ୍ରଙ୍କୁ ବହୁ ପରାମର୍ଶ ଦେଇଥିଲେ। ବିଶେଷକରି ଏହି ଯୁବ ଅବସ୍ଥାରେ ଯାହା ଚାହିଁବେ ତାହା କରିପାରିବେ। ତେଣୁ ସେମାନେ ଅଧିକ ପରିଶ୍ରମ କରନ୍ତୁ ବୋଲି ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ସେହିପରି ଭୁବନେଶ୍ୱର ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ମନୋରଞ୍ଜନ ମହାରଣା ଆଇଟିଆଇ ଛାତ୍ରୀଛାତ୍ରଙ୍କୁ ଆଇଟିଆଇ ପଢ଼ା ସରିବା ପରେ ଭୁବନେଶ୍ୱରରେ ସ୍ୱତନ୍ତ୍ର ତାଲିମ ନେଇ ନିଜ ଦକ୍ଷତା ବୃଦ୍ଧିକରି ନିଜ ରୋଜଗାର ପାଇଁ ବାହାରେ ଚାକିରି ନିଶ୍ଚିତ କରିପାରିବେ ବୋଲି ପିଲାଙ୍କୁ କାଉନ୍‌ସେଲିଂ (ମନ୍ତ୍ରଣା) କରିଥିଲେ। କାର୍ଯ୍ୟକ୍ରମରେ କିଛି କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଆକ୍ରମଣ ନୁହେଁ, ଅଙ୍ଗଦଙ୍କ ହାତ ଦୁର୍ଘଟଣାରେ କଟିଛି

## ମୁମ୍ବାଇରେ ତଦନ୍ତ କରି ଫେରିଲା କନ୍ଧମାଳ ପୋଲିସ

ବାଲିଗୁଡ଼ା,୧୫ା୭(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଥାନା ଅନ୍ତର୍ଗତ ଡହଲପଡ଼ି ଗ୍ରାମର ଆଦିବାସୀ ଯୁବକ ଅଙ୍ଗଦ ମଲ୍ଲିକ ମୁମ୍ବାଇ କାମ କରିବାକୁ ଯାଇଥିବା ବେଳେ ଦୁର୍ବୃତ୍ତମାନେ ଦୁଇ ହାତ କାଟି ଦେଇଥିବା ଅଭିଯୋଗ ହୋଇଥିଲା। ଏହା କୌଣସି ଦୁର୍ବୃତ୍ତ ନୁହେଁ ଏକ ରେଳ ଦୁର୍ଘଟଣାରେ ହାତ କଟିଥିବା ପ୍ରାଥମିକ ତଦନ୍ତରୁ ପୋଲିକୁ ସୂଚନା ଦେଇଛି। ଏପ୍ରିଲ ୨୭ ତାରିଖରେ ଅଙ୍ଗଦ ମଲ୍ଲିକ ଓ ସାଥୀ ରବି ସାହାଣୀ ମିଶି ମୁମ୍ବାଇ କାମ କରିବା ପାଇଁ ଯାଇଥିଲେ। ସେଠାରେ ଅଜଣା ଦୁର୍ବୃତ୍ତଙ୍କ ଆକ୍ରମଣରେ ଅଙ୍ଗଦ ହାତ ହରାଇଥିବା ବାଲିଗୁଡ଼ା ଥାନାରେ ପରିବାର ଲୋକେ ଅଭିଯୋଗ କରିଥିଲେ। ଏହା ପରେ କନ୍ଧମାଳ ଏସପିଙ୍କ ନିର୍ଦ୍ଦେଶକ୍ରମେ ବାଲିଗୁଡ଼ା ଥାନାରୁ ଏକ ଟିମ ଘଟଣାର ତଦନ୍ତ ପାଇଁ ମୁମ୍ବାଇ ଯାଇଥିଲେ। ସେଠାରେ ଦଶ ଦିନ ରହି ବିଭିନ୍ନ ଅଞ୍ଚଳ ବୁଲି ଘଟଣାର ତଦନ୍ତ କରିଥିଲେ। ଏହା କୌଣସି ଦୁର୍ବୃତ୍ତ ନୁହେଁ ଏକ ରେଳ ଦୁର୍ଘଟଣାରେ ହାତ କଟିଥିବା ପ୍ରାଥମିକ ତଦନ୍ତରୁ ପୋଲିକୁ ସୂଚନା ମିଳିଛି। ଏ ନେଇ କଲ୍ୟାଣ ନଗର ରେଳଷ୍ଟେସନ ଥାନାରେ ମେ ୧ରେ ଏକ ମାମଲା ରୁଜୁ କରାଯାଇଛି। ମୁମ୍ବାଇ ଯାଇଥିବା ଟିମ ମୁଖ୍ୟ ଆଶୁତୋଷ ପାଇକରାୟ ସବିଶେଷ ତଥ୍ୟ ଶୀଘ୍ର ପ୍ରଦାନ କଲେ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ଥାନା ଅଧିକାରୀ ବାବା ଶଙ୍କର ସରାଫ ପ୍ରକାଶ କରିଛନ୍ତି।



ଅଙ୍ଗଦ ମଲ୍ଲିକ।

### ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବେଲଗୁଣ୍ଠା,୧୫ା୭ (କୃଷ୍ଣଚନ୍ଦ୍ର ପଟ୍ଟନାୟକ) ବେଲଗୁଣ୍ଠା ନୂତନ ଥାନା ପରିସରରେ ଶୁକ୍ରବାର ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ଏବଂ ତାଙ୍କ ସହଧର୍ମିଣୀ ଦାୟିତ୍ୱ ତୁଲାଇଥିଲେ। ଗଞ୍ଜାମ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଫୁଲ୍ଲ ବଡଜେନା, ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଶ୍ୱମିତ୍ରା ହରିପାଲ୍, ଜଗନ୍ନାଥପ୍ରସାଦ ଥାନା ଅଧିକାରୀ ଦିଲ୍ଲୀପ ସ୍ୱାଇଁ, ବୁଗୁଡ଼ା ଥାନା ଅଧିକାରୀ ଚିତ୍ତରଞ୍ଜନ ବେହେରା, ଭଞ୍ଜନଗର ଥାନା ଅଧିକାରୀ ଧୀରେଶ୍ କୁମାର ଦାଶ, ଗାଙ୍ଗପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ବାଲିପଦର ଫାଣ୍ଡି ଅଧିକାରୀ ସମୀର୍ ବେହେରାଙ୍କ ସମେତ ବହୁ ପୋଲିସ୍ ଅଧିକାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଆଇ ନାରାୟଣ ସ୍ୱାଇଁ, ଅଭୟ ପ୍ରଧାନ, ଏଏସ୍‌ଆଇ ବିଶ୍ୱନାଥ ମଲ୍ଲିକଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବର୍ଷାରେ ଜଗନ୍ନାଥ ମନ୍ଦିର ସାହି ରାସ୍ତା ଶୋଚନୀୟ




ରାଇକିଆ,୧୫ା୭ (ପ୍ରଦୀପ ବେହେରା)

କିଛି ଦିନ ଧରି ଲଗାଣ ବର୍ଷାରେ ରାଇକିଆ ଅଞ୍ଚଳର ଜଗନ୍ନାଥ ମନ୍ଦିର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଦୀର୍ଘ ବର୍ଷହେଲା ଖରାପ ଅବସ୍ଥାରେ ଥିଲେ ମଧ୍ୟ ଏହାର ମରାମତି କିମ୍ବା ପୁନଃ ନିର୍ମାଣ ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ରାସ୍ତା ଉପରେ ପାଣି ଜମି ରହିଥିବାରୁ ଯାତାୟାତରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଜନଗହଳିପୂର୍ଣ୍ଣ ହୋଇଥିବା ବେଳେ ବିଭିନ୍ନ ମନ୍ଦିର ରହିଥିବାରୁ ଶ୍ରଦ୍ଧାଳୁମାନଙ୍କ ଯାତାୟାତ ଲାଗି ରହୁଛି। ରାସ୍ତା କାମ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ କାମ ଆରମ୍ଭ ହୋଇ ପାରୁନାହିଁ । ଅନ୍ୟପକ୍ଷରେ ଲଗାଣ ବର୍ଷା ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଛାତ୍ରୀଛାତ୍ରମାନେ ପାଣିରେ ପଶି ଯାତାୟାତ କରୁଛନ୍ତି। ଏ ନେଇ ୱାର୍ଡ ମେମ୍ବର ସୁରେଶ ବିଶାଳ କହିଛନ୍ତି, ରାସ୍ତାରେ ପାଣି ଜମିଥିବାରୁ ସାହିବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା କାମ ତୁରନ୍ତ ସାରିବା ପାଇଁ ସେ ବିଡିଓଙ୍କ ସହ ଆଲୋଚନା କରିଥିବା ଏବଂ ଖୁବ୍‌ଶୀଘ୍ର କାମ ଶେଷ କରିବା ନେଇ ବିଡିଓ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ରାସ୍ତା କାମ ହୋଇ ପାରୁନାହିଁ ।

# ଗୋପାଳ ସମାଜର ସାଙ୍ଗଠନିକ ସଭା

ଦିଗପହଣ୍ଡି,୧୫ା୭(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଷୋହଳଖଣ୍ଡ ଗୋପାଳ ସମାଜ ତିନି ତାଲୁକା ସଙ୍ଗଠନ ପକ୍ଷରୁ ଶନିବାର ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତର ପେଣ୍ଠା ଗ୍ରାମରେ ମୁଠାସ୍ତରୀୟ ସଚେତନତା ଶୋଭାଯାତ୍ରା ଓ ସାଂଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ବଡଖେମୁଣ୍ଡି 'କ', ସାନଖେମୁଣ୍ଡି ଓ ଚିକିଟି ବ୍ଲକ ତଥା ତିନି ତାଲୁକା ସଭାପତି ମନୋରଞ୍ଜନ ଗୌଡଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍ଗଠନର ତିନିତାଲୁକା ସମ୍ପାଦକ ତଥା ଜିଲା ପରିଷଦ ରାଧାକାନ୍ତ ମହାକୁଡ଼, ସାଙ୍ଗଠନିକ ଜିଲା ଉପସଭାପତି ପିତାମ୍ବର ଗୌଡ, ଉପଦେଷ୍ଟା ଚିତ୍ରସେନ ଗୌଡ, ତିନି ତାଲୁକା ସଂଯୋଜକ ରାମହରି ଗୌଡ, ପେଣ୍ଠା ଗ୍ରାମ ମୁଠା ଉପସଭାପତି ମାଙ୍ଗୁ ଗୌଡ, ଭୀଷ୍ମଗିରୀ ଗ୍ରାମ ମୁଠା ସଭାପତି ସନ୍ତୋଷ ଗୌଡଙ୍କ ସମେତ ଅନ୍ୟାନ୍ୟ ମୁଠାର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ତାଲୁକା ସଙ୍ଗଠନ ପକ୍ଷରୁ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବା, କୁସଂସ୍କାର, ଅନ୍ଧବିଶ୍ୱାସ ଠାରୁ ଦୂରରେ ରହିବା ବାଲ୍ୟବିବାହ, କନ୍ୟାଭ୍ରୂଣ ହତ୍ୟା, ସାମାଜିକ ଭେଦଭାବ, ବାୟୁମଣ୍ଡଳର ଅମ୍ଳଜାନ ସ୍ତରକୁ ନିୟନ୍ତ୍ରଣ କରିବା ପାଇଁ ବୃକ୍ଷ ଚାରା ରୋପଣ କରାଯିବା, ପରିବେଶ ସୁରକ୍ଷା ଏବଂ ଗୋପାଳ ସମାଜର ସାମଗ୍ରିକ ବିକାଶ ସମ୍ପର୍କରେ ଆୟୋଜିତ ସଭାକାର୍ଯ୍ୟରେ ବିଶେଷ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୋପାଳ ସମାଜର ବହୁ ସଂଖ୍ୟକ କର୍ମକର୍ତ୍ତା ଉପସ୍ଥିତ ରହିସହଯୋଗ କରିଥିଲେ।

# ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପାଉଁଶ



ଅଗ୍ନିକାଣ୍ଡରେ ଜଳିଯାଇଥିବା ଦୋକାନର ସାମଗ୍ରୀ।

ଗୋପାଳପୁର,୧୫ା୭(ନବୀନ ରାଜ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ କନିଷି ହାଟରେ ଶୁକ୍ରବାର ରାତିରେ ଏକ ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଯାଇଛି। ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ୮୦ ପ୍ରତିଶତ ସାମଗ୍ରୀ ପୋଡି ଯାଇଛି। ଟୁନା ବିଷୋୟୀ କନିଷି ହାଟରେ ପ୍ଲମ୍ବର, ପ୍ଲାଇଉଡ଼, ଲୁହା ଓ ଅନ୍ୟାନ୍ୟ ସାମଗ୍ରୀ ଦୋକାନ କରିଥିଲେ। ସବୁ ଦିନ ଭଳି ଶୁକ୍ରବାର ରାତ୍ର ୯ ଟାରେ ଟୁନା ଦୋକାନ ବନ୍ଦ କରି ଘରକୁ ଆସିଥିଲେ। ଏହି ସମୟରେ ହଠାତ ଶର୍ଟ ସର୍କିଟ ହୋଇ ଦୋକାନରେ ନିଆଁ ଲାଗି ଯାଇଥିଲା। କନିଷି ସ୍ଥିତ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ଗାଡିରେ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ମୂଲ୍ୟବାନ ପ୍ଲାଇଉଡ୍, ଲୁହା ସାମଗ୍ରୀ ଓ ପ୍ଲମ୍ବର ଗୁଡ଼ି ପୋଡି ପାଉଁଶ ହୋଇଛି।

# ଲୋକଙ୍କ ବଦଳରେ କାମ କରୁଛି ମେଶିନ୍

## ଏମ୍‌ଜିଏନ୍‌ଆର୍‌ଇଜିଏସରେ ଦୁର୍ନୀତି ଅଭିଯୋଗ

ପୋଲସରା,୧୫ା୭(ସୁବ୍ରତ ବେହେରା)

ପୋଲସରା ବ୍ଲକ ଅନ୍ତର୍ଗତ ବର୍ତ୍ତନି ଗ୍ରାମ ପଞ୍ଚାୟତ ଝିଂକା ବାଡି ଗ୍ରାମରେ ମେଶିନ୍ ସାହାଯ୍ୟରେ ପୋଖରୀରୁ ମାଟି ବାହାର କରାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଏବଂ ଭାରତୀୟ ଜନତା ପାର୍ଟି ଘୁମୁସର ଜିଲା ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନଙ୍କ ସହିତ କର୍ମୀମାନେ ପହଞ୍ଚି ଏହି କାର୍ଯ୍ୟକୁ ବିରୋଧ କରିଥିଲେ। ଏହା ପରେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଚନ୍ଦ୍ର ଶେଖର ଡାକୁଆଙ୍କୁ କାହିଁକି ଗ୍ରାମର ଲୋକମାନଙ୍କୁ କାମ ନ ଦେଇ ଏହିଭଳି ମେସିନ୍‌ରେ କାମ କରୁଛ ବୋଲି ପ୍ରଶ୍ନ ପଚାରିଥିଲା।

ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ, ଉକ୍ତ ମାଟି ଗାଡ଼ିଆ ନାଁରେ ପୂର୍ବରୁ ଥରେ ଫଲ୍ସ ବିଲ ହୋଇଛି। ଉକ୍ତ ପୋଖରୀ ନାଁରେ ନାମ ଫଳକ ଭଗ୍ନ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଛି। ସେହି ନାମ ଫଳକକୁ ଭାଙ୍ଗି ଦେଇ ପୁଣି ପୋଖରୀ ପୁନରୁଦ୍ଧାର ନାମରେ ଆର୍ଥିକ ବର୍ଷ ୨୦୨୨/୨୩ ରେ ମଧ୍ୟ ମେସିନ୍ ସାହାର୍ଯ୍ୟରେ ପୋଖରୀରୁ ମାଟି ବାହାର କରୁଛନ୍ତି। ଏହି କାର୍ଯ୍ୟକୁ ବିରୋଧ କରିବା ସହ ଲୋକଙ୍କୁ କାମ ନ ଦେଇ ମେଶିନରେ ଗୋଟିଏ ପୋଖରୀରୁ ମାଟି ବାହାର କରି ଆଉ ଏକ ଏମ୍‌ଜିଏନ୍‌ଏନ୍‌ଆର୍‌ଇଜିଏସ୍ କାମରେ ମାଟି ପକାଯାଉଛି। ଏହାର ବିଲ କରିବାକୁ ଚେଷ୍ଟା କରି ବିଜେଡ଼ିର ସ୍ଥାନୀୟ ଜନପ୍ରତିନିଧି ଓ କର୍ମୀ ଏବଂ ପ୍ରଶାସନ ଅଧିକାରୀମାନେ ଅର୍ଥ ଆତ୍ମସାତ କରୁଥିବା ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ଝିଂକା ବାଡି ଓ କୁଆନନ୍ଦ ମଧ୍ୟରେ ଥିବା ମଠ କାର୍ଯ୍ୟରେ ଏହି ମାଟି ସବୁ ପକା ଯାଉଥିବା କହିଛନ୍ତି ବର୍ତ୍ତନି ସରପଞ୍ଚ ପ୍ରତିନିଧି ଚନ୍ଦ୍ର ଶେଖର ଡାକୁଆ। ବ୍ଲକର କାର୍ଯ୍ୟରତ ଥିବା ଉକ୍ତ ପଞ୍ଚାୟତ ପାଇଁ କନିଷ୍ଠ ଯନ୍ତ୍ରୀ ଶରତ କୁମାର ମଲ ଓ ଗ୍ରାମ ସେବକ ବିରୁପାକ୍ଷ ଡାକୁଆଙ୍କୁ ଫୋନ୍ କରିବାରୁ ଫୋନ୍ ରିସିଭ୍ କରି ନଥିବାରୁ କୌଣସି ପ୍ରତିକ୍ରିୟା ମିଳି ପାରି ନାହିଁ। ଅନ୍ୟପଟେ ଭାଜପା ପକ୍ଷରୁ ଅଭିଯୋଗ ପରେ ଉକ୍ତ କାମର ତଦନ୍ତ କରିବା ପାଇଁ ଜେଇଙ୍କୁ କହିଛି ବୋଲି ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରାଜ ପରିଡ଼ା କହିଛନ୍ତି।




ମେଶିନରେ କାମ କରାଯାଉଛି।

## ସଂକ୍ଷେପରେ

### ମାନସିକ ବିକୃତ ଯୁବକଙ୍କ ଆତ୍ମହତ୍ୟା

ପାଣିକୋଇଲି,୧୫।୭(ବିକାଶ ମଲ୍ଲିକ): ଯାଜପୁର ସଦର ଥାନା ଭୁବନେଶ୍ୱରପୁର ପଞ୍ଚାୟତ କୁନିନ୍ଦା ଗ୍ରାମର କଳ୍ପତରୁ ଜେନାଙ୍କ ପୁଅ ବଳରାମ(୩୦) ଶନିବାର ପାଣିକୋଇଲି ଥାନା ଅଧୀନ ନମିଟିକିରି ନିକଟରେ ଥିବା ଏକ ଗଛରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ବଳରାମ ମାନସିକ ବିକୃତ ଥିଲେ। ସକାଳୁ ସେ ଘରେ କାହାରିକୁ କିଛି ନ କହି ଚାଲି ଆସିଥିଲେ। ପରେ ସେ ଆତ୍ମହତ୍ୟା କରିଥିବା ପ୍ରଚାର ହେବା ସହିତ ତାଙ୍କ ଆତ୍ମହତ୍ୟାର ଫଟୋ ଓ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଥିଲା। ଖବର ପାଇ ପାଣିକୋଇଲି ଥାନା ଏସ୍ଆଇ ପ୍ରକାଶ କୁମାର ପ୍ରଧାନ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମୃତ ଯୁବକଙ୍କ ବାପାଙ୍କ ଅଭିଯୋଗକ୍ରମେ ପାଣିକୋଇଲି ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୧୮/୨୩ ରୁଜୁ କରିଛି।

### ରାସ୍ତା ପାର୍ଶ୍ୱରେ ବରଗଛର ଡାଳ ପୋତିଲେ ସ୍ୱେଚ୍ଛାସେବୀ

ଜେନାପୁର,୧୫।୭(ଅଶୋକ ଦାସ): ଧର୍ମଶାଳା ବ୍ଲକ ଅଧୀନ ଅଞ୍ଜିରା ପଞ୍ଚାୟତ ମୁରାରିପୁରଠାରୁ ଗମ୍ଭାରିଆ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ଦିୟମାନ ଜେନାପୁର ବାଲିସାହି ଶାଖା ପକ୍ଷରୁ ବରଗଛ ଡାଳରୋପଣ କରାଯାଇଛି। ଉଦ୍ଦିୟମାନର ବରିଷ୍ଠ ଉପଦେଷ୍ଟା କାହ୍ନୁଚରଣ ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଳ୍ପ ଦିନରେ ଏହି ଡାଳଗୁଡିକ ବଡ଼ବୃକ୍ଷରେ ପରିଣତ ହେଉଥିବାରୁ ଏଭଳି ଉପାୟ ଅବଲମ୍ବନ କରୁଛନ୍ତି ବୋଲି ସ୍ୱେଚ୍ଛାସେବୀମାନେ କହିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ସାହୁ, ଗଡ଼ମଧୁପୁରର ବନପାଳ ସାକିର ହୁସେନ, ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଅଧାପକ ଡ. ଦିଲୀପ କୁମାର ନାୟକ, ବରିଷ୍ଠ ଉପଦେଷ୍ଟା ଅନନ୍ତ ପ୍ରସାଦ ମାହାଲା, ଶିକ୍ଷକ ରଘୁନାଥ ସାହୁ, ସାମାଜିକ କର୍ମୀ ରାଜେଶ କୁମାର ସାହୁ, ସ୍ୱେଚ୍ଛାସେବୀ ସୁଜିତ କୁମାର ସିଂହ, କାର୍ତ୍ତିକ ଚନ୍ଦ୍ର ଜେନା, ପ୍ରତାପ ଚନ୍ଦ୍ର ଦାସ, ଅନିଲ କୁମାର ଦାସ, ଲଙ୍ଗୁଳି ଚରଣ ରାଉଳ ଓ ସ୍ନେହଲତା ବାରିକ ପ୍ରମୁଖ ଯୋଗ ଦେଇଥିଲେ।



# କେନ୍ଦ୍ରର ବୈମାତୃକ ମନୋଭାବର ପ୍ରତିବାଦ କରାଯିବ

## ବିଜେଡି ପକ୍ଷରୁ ଚାଷୀ ସମାବେଶ

ଝୁମ୍ପୁରୀ,୧୫।୭(ସରୋଜ ନାୟକ):

ଓଡ଼ିଶାର ଚାଷୀମାନଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବର ତୀବ୍ର ପ୍ରତିବାଦ କରାଯିବ। ଏଥିପାଇଁ ବିଜେଡି ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯାଇ କେନ୍ଦ୍ର ସରକାରଙ୍କୁ ଚେତାବନୀ ଦିଆଯିବ ବୋଲି ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ କହିଛନ୍ତି। ଦଶରଥପୁର ବ୍ଲକ୍‌ର କୁଆଁସ ମଙ୍ଗଳାପୀଠରେ ଯାଜପୁର ଜିଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଚାଷୀ ସମାବେଶରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦାସ ଏକଥା ପ୍ରକାଶ କରିଛନ୍ତି।

ଚାଷୀଙ୍କ ପ୍ରତି ଲଗାତରଭାବେ କେନ୍ଦ୍ର ସରକାର ଅବହେଳା କରିଚାଲିବା ସହ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ଓଡ଼ିଶାର ଚାଷୀଙ୍କୁ ପ୍ରତାରଣା କରାଯାଇଛି। ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରୁ ବଞ୍ଚିତ ହୋଇଛନ୍ତି ବୋଲି ଦାସ ଅଭିଯୋଗ କରିଛନ୍ତି। ଏଥିସହ ଧାନର ସହାୟକ ମୂଲ୍ୟ ୩ ହଜାର ଟଙ୍କା କରିବାକୁ ଦଳପକ୍ଷରୁ ବାରମ୍ବାର କେନ୍ଦ୍ର ସରକାରଙ୍କୁ କୁହାଯାଉଥିଲେ ମଧ୍ୟ କେନ୍ଦ୍ର ସରକାର ଚାଷୀଙ୍କୁ ଉଚିତ୍ ମୂଲ୍ୟ ଦେଉନାହାନ୍ତି। ଫଳରେ ଚାଷୀମାନେ ଧାନର ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏହା ବିରୋଧରେ ଚାଷୀଙ୍କ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରିବାକୁ ଦାସ ଚାଷୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

ସମାବେଶରେ ଅନ୍ୟତମ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ ଯୋଗଦେଇ ଚାଷୀ ସମସ୍ୟା ନେଇ କେନ୍ଦ୍ର ଅବହେଳା କରୁଥିବା ଅଭିଯୋଗ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ସୁଜାତା ସାହୁ, ସରପଞ୍ଚ ନିରାକାର ସାହୁ, ସେକ୍ ନାଦର, ପ୍ରଦୀପ ଜେନା, ହିମାଂଶୁ ନାୟକ, କୁଞ୍ଜବିହାରୀ ଦାସ, ପୂର୍ବତନ ସମିତିସଭ୍ୟ ମହେଶ୍ୱର ସାହୁ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାହୁ, ପ୍ରତାପ ଜେନା, ବ୍ଲକ୍ ବିଜେଡି ସଭାପତି ଅଜୟ କୁମାର ମହାନ୍ତି, ସମିତିସଭ୍ୟ ବିଜୟ ନାୟକ ଓ ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତରା ସରପଞ୍ଚଙ୍କ ପ୍ରତିନିଧି ଅଜିତ କୁମାର ସାମଲ, ଦଶରଥପୁର ସରପଞ୍ଚଙ୍କ ପ୍ରତିନିଧି ଧର୍ମରାଜ ଧୀର, କଟିକଟା ସରପଞ୍ଚଙ୍କ ପ୍ରତିନିଧି ଜ୍ୟୋତିରଞ୍ଜନ ପରିଡ଼ା, ଇଜାପୁର ସରପଞ୍ଚଙ୍କ ପ୍ରତିନିଧି ଅମିୟ କୁମାର ଜେନା, ମଙ୍ଗଳପୁର ସରପଞ୍ଚଙ୍କ ପ୍ରତିନିଧି ଶିଶିର କୁମାର ଧଳ, ଚିତାଳୋ ସରପଞ୍ଚଙ୍କ ପ୍ରତିନିଧି ସୀତାକାନ୍ତ ଶତପଥୀ, ବରିଷ୍ଠ ନେତା ମନୋଜ ରାଉତ, ରମାକାନ୍ତ ରାଉତ, ବସନ୍ତ ସାହୁ, ପ୍ରଭାତ ନାୟକ ଓ ଲମ୍ବୋଦର ବେହେରାଙ୍କ ସମେତ ପ୍ରାୟ ୧ ହଜାରରୁ ଅଧିକ ଚାଷୀ ଏହି ସମାବେଶରେ ଯୋଗ ଦେଇଥିଲେ।


ସମାବେଶରେ ଯୋଗଦେଇଥିବା ବିଜେଡି ନେତା ଓ ଚାଷୀମାନେ ।

# ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପୁନଃ ପ୍ରତିଷ୍ଠା

ବାଲିଚନ୍ଦ୍ରପୁର,୧୫।୭ (ଗିରିଜା ପ୍ରସାଦ ସାହୁ)

ବଡ଼ଚଣା ବ୍ଲକ ଅଧୀନ ବାଲିଚନ୍ଦ୍ରପୁର ବଜାରର ମଧ୍ୟ ଭାଗରେ ବିଜୁ ବିଚାର ମଞ୍ଚ ସଭାପତି କିଶୋର ଚନ୍ଦ୍ର ବେହୁରାଙ୍କ ଉଦ୍ୟମରେ ପ୍ରତିଷ୍ଠା କରାଯାଇଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ପୁନଃ ପ୍ରତିଷ୍ଠା କରାଯିବା ସହ ଶନିବାର ଲୋକାର୍ପିତ କରାଯାଇଛି। ଏଥିପାଇଁ ଦୁଇ ଦିନ ହେବ ବାଲିଚନ୍ଦ୍ରପୁର ବଜାରର କଲେଜ ରାସ୍ତାକୁ ବନ୍ଦ କରାଯାଇ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଶନିବାର ସାପ୍ତାହିକ ହାଟପାଳିରେ ବଜାର ମଧ୍ୟ ଭାଗରେ ରାସ୍ତା ଅବରୋଧ କରି ସଭା କାର୍ଯ୍ୟ ଦୀର୍ଘ ସମୟ ଧରି ଚାଲିଥିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖିନ ହୋଇଥିଲେ। ତେବେ ଯେଉଁ ପ୍ରତିମୂର୍ତ୍ତିଟି ସ୍ଥାପନା କରାଯାଇଥିଲା ତାହାକୁ ଧୋତି ପଞ୍ଜାବୀରେ ବୁଟ ପିନ୍ଧା ବିଜୁ ବାବୁ ନିର୍ମିତ ହୋଇଥିବାନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ଆୟୋଜକମାନେ ତାହାକୁ ସୁଧାରି ଦେଇଥିବା ଦେଖାଯାଇଛି।

ବାଲିଚନ୍ଦ୍ରପୁରର ପ୍ରାକ୍ତନ ସରପଞ୍ଚ ବୈକୁଣ୍ଠନାଥ ପଣ୍ଡାଙ୍କ ଦ୍ୱାରା ପ୍ରତିମୂର୍ତ୍ତି ଲୋକାର୍ପିତ ହେବା ପରେ ପ୍ରତିମୂର୍ତ୍ତିସ୍ଥଳ ରାସ୍ତାରେ ସଭା ହୋଇଥିଲା। ବଡ଼ଚଣା ବିଜୁ ପଟ୍ଟନାୟକ ସ୍ମୃତି କମିଟି ଅଧ୍ୟକ୍ଷ ଶାରଦା ପ୍ରସନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁ ବାବୁଙ୍କ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଅମର କୁମାର ମହାନ୍ତି, କିରଣ କୁମାର ଶତପଥୀ, ସୌଭାଗ୍ୟଲକ୍ଷ୍ମୀ ବଳ, ଫନିନ୍ଦ୍ରନାଥ ପଣ୍ଡା, ନିରଞ୍ଜନ ସେନାପତି, ବିପିନ ବିହାରୀ ଜେନା, ବନ୍ଦିତା ମହାରଣା ଓ ଅମିୟ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ବାଲିଚନ୍ଦ୍ରପୁର ପୋଲିସ ବଜାରର ତିନି ପଟରୁ ରାସ୍ତାକୁ ଜଗିରହି କଲେଜ ରାସ୍ତାକୁ ବିପୁଳ ଭିଡ଼ ଜମାଇବାରେ ସହାୟତା କରିଥିଲା।


ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ କରାଯାଉଛି ।

# ନିର୍ମାଣର ୭ ଦିନ ଭିତରେ ଭୁଶୁଡ଼ି ପଡ଼ିଲା ପାଚେରି


୬୦ ଫୁଟର ନିର୍ମିତ ପାଚେରି ଭୁଶୁଡ଼ି ପଡିଛି ।

- ବିନା ସୂଚନା ଫଳକରେ ହୋଇଥିବା କାର୍ଯ୍ୟ
- ନିମ୍ନମାନର କାମ କରାଯାଇଥିବା ଅଭିଯୋଗ

ଯାଜପୁର ଟାଉନ,୧୫।୭ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ବ୍ଲକ୍ ପଣସା ପଞ୍ଚାୟତ ପାଟପୁର ଗ୍ରାମ ଦଳିତସାହିର ୫ନଂ. ୱାର୍ଡରେ ଏକ ପୋଖରୀ ଉନ୍ନତୀକରଣ ପାଇଁ ନିର୍ମାଣ କରାଯାଇଥିବା ୬୦ ଫୁଟ୍‌ର ପାଚେରେ ଶନିବାର ଭୁଶୁଡ଼ି ପଡ଼ିଛି। ପ୍ରବଳ ବର୍ଷା ଯୋଗୁ ପାଚେରି ନିର୍ମାଣର ୭ ଦିନ ନ ପୁରୁଣୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ପାଚେରି ନିର୍ମାଣରେ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ତେବେ ଏହି କାର୍ଯ୍ୟ କେଉଁ ବିଭାଗର କେଉଁ ଯୋଜନାରେ ନିର୍ମାଣ କରାଯାଉଥିଲା ତାହା ଜଣାପଡ଼ିନାହିଁ। ସେଠାରେ କୌଣସି ସୂଚନା ଫଳକ ନ ଥିବାରୁ କାର୍ଯ୍ୟ ସମ୍ପର୍କରେ ତଥ୍ୟ ମିଳି ପାରିନାହିଁ। ପାଚେରି ଭୁଶୁଡ଼ିବା ଖବର ପାଇ ଗଣମାଧ୍ୟମ ପ୍ରତିନିଧିମାନେ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ସ୍ଥାନୀୟ ଲୋକେ ଏହି କାର୍ଯ୍ୟ ବିନା ପ୍ରକଳ୍ପରେ ବ୍ଲକ୍ ମାଧ୍ୟମରେ କରାଯାଉଥିଲା ବୋଲି ସୂଚନା ପ୍ରଦାନ କରିଥିଲେ। ଏ ସମ୍ପର୍କରେ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ଦେବାଶିଷ ମିଶ୍ରଙ୍କୁ ପଚାରିବାରେ ଆମ ଜ୍ଞାତସାରରେ କୌଣସି ପ୍ରକଳ୍ପ ଅନୁମୋଦନ ହୋଇନାହିଁ କିମ୍ବା ଏହି କାର୍ଯ୍ୟ ବିଷୟରେ ବ୍ଲକ୍‌ରେ କୌଣସି ସୂଚନା ନାହିଁ ବୋଲି କହିଥିଲେ। ପାଚେରି କାର୍ଯ୍ୟ ନିମ୍ନମାନର କରାଯାଇଥିବାବେଳେ ଏହାକୁ ବିଲ୍ କରାଯାଇ ଅର୍ଥ ଉଠାଯାଇଛି କି ନାହିଁ ଗ୍ରାମବାସୀ ସନ୍ଦେହ ପ୍ରକାଶ କରି ଜିଲାପାଳଙ୍କୁ ତଦନ୍ତ କରିବା ପାଇଁ ନିବେଦନ କରିଛନ୍ତି। ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

## ଗୋମାତାଙ୍କୁ ଖାଦ୍ୟ ଦେଇ ଅନ୍ନଦାନ ଦିବସ ପାଳିତ

ଯାଜପୁର ରୋଡ,୧୫।୭ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ରୋଡ୍ ରୋଟାରି କ୍ଲବ ପକ୍ଷରୁ ବ୍ୟାସନଗର ଗୋଶାଳା ପରିସରରେ ଥିବା ୪୦୦ ଗୋମାତାଙ୍କୁ ଖାଦ୍ୟ ଦିଆଯାଇ ଅନ୍ନଦାନ ଦିବସ ପାଳନ କରାଯାଇଛି। ଏଥିସହିତ ୩୦ ପ୍ରକାର ଔଷଧୀୟ ଚାରା ଲଗାଇ ବୃକ୍ଷରୋପଣ ଦିବସ ପାଳନ କରାଯାଇଛି। ଗୋଶାଳା ପରିସରରେ କ୍ଲବ ସଭାପତି ଅଭୟ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସଭାରେ ସମସ୍ତ ସଦସ୍ୟ ଯୋଗଦେଇ କ୍ଲବର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆତ୍ମହତ୍ୟା ପ୍ରବୃତ୍ତି କିଭଳି ମଣିଷ ମନକୁ ନ ଆସିବ ସେନେଇ ହୋଇଥିବା ସଚେତନତା କାର୍ଯ୍ୟକ୍ରମ ଏବଂ ଏହାର ବିଶ୍ୱ ରେକର୍ଡ ସମ୍ପର୍କରେ କ୍ଲବ୍‌ର ବିଦାୟୀ ସଭାପତି ବିଜୟ ରାଜ ସୂଚନା ଦେଇଥିଲେ। ସଦସ୍ୟା ଅସ୍ମିତା ପତି ଆସିଷ୍ଟାଣ୍ଟ ଗଭର୍ନର ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଯୁବ ଶିକ୍ଷାବିତ୍ ପ୍ରିୟରଞ୍ଜନ ସାହୁଙ୍କୁ ନୂତନ ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା। ସମ୍ପାଦକ ଅଜୟ ସାହୁ, ସରୋଜିନୀ ରାଜ, ଆଶୁତୋଷ ମିଶ୍ର, ଅଶୋକ ପତି, ଆଲୋକ ମହାନ୍ତି, ରବୀନ୍ଦ୍ର ଦାଶ, ଜ୍ଞାନରଞ୍ଜନ ଓଝା, ଚିତ୍ତରଞ୍ଜନ ବୋଇତାଇ, ମାନସ ଆଇଚ, ଅଭିଳାଷ ବୋଇତାଇ, ସଞ୍ଜୟ ସରକାର, କଳ୍ପତରୁ ସାହୁ, ରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିବା ବେଳେ ରୋଟାରିଆନ ବୀରେଶ୍ୱର ପତି ଧନ୍ୟବାଦ ଦେଇଥିଲେ।

# ପାଣିକୋଇଲି ଥାନାରେ ଯୋଗଦେଲେ ଲିଜାରାଣୀ ବିଶ୍ୱାଳ

ପାଣିକୋଇଲି,୧୫।୭(ବିକାଶ ମଲ୍ଲିକ):

ପାଣିକୋଇଲି ଥାନାର ନୂତନ ଥାନା ଅଧିକାରୀଭାବେ ଲିଜାରାଣୀ ବିଶ୍ୱାଳ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ଥିବା ଥାନାଧିକାରୀ ଚିନ୍ମୟୀ ବେହେରାଙ୍କ ପୁରୀ ଜିଲାକୁ ବଦଳି ହେବାପରେ ଏସ୍ଆଇ ପ୍ରକାଶ କୁମାର ପ୍ରଧାନ ଦାୟିତ୍ୱରେ ଥିଲେ। ଥାନା ଅଧିକାରୀ ବିଶ୍ୱାଳ ଥାନାରେ ପହଞ୍ଚିବା ପରେ ଏସ୍ଆଇ ପ୍ରକାଶ କୁମାର ପ୍ରଧାନ, ସ୍ମୃତିମଞ୍ଜରୀ ବଡ଼ଜେନା, ଏଏସ୍ଆଇ ପ୍ରତାପ ଚନ୍ଦ୍ର ଗଡ଼ନାୟକ, ସୁଜିତ କୁମାର ମଲ୍ଲିକ, ହାବିଲଦାର ସୁଲୋଚନ ବେହେରା, କନଷ୍ଟେବଲ ମନମୋହନ ବାରିକ, ପ୍ରଭାସିନୀ ବିଶ୍ୱାଳ, ପ୍ରଜ୍ଞାପାରମିତା ରାୟ, ବୈଶାଖୀ ଧଳ, ଉମାକାନ୍ତ ଖଟୁଆ, କେଦାରସନ ଡ଼ାଙ୍ଗିଲ, ଶଶି ବାନସିଂ, ବିଜୟ ଗୁଡ଼ୱିଲ, ରଞ୍ଜନ ଡାଙ୍ଗିଲ, ହୋମଗାର୍ଡ ଗଣେଶ ଲେଙ୍କା ଓ ନିରଞ୍ଜନ ମଲ୍ଲିକଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପାଣିକୋଇଲି ଅଞ୍ଚଳରେ ଆଇନଶୃଙ୍ଖଳାକୁ ଗୁରୁତ୍ୱ ଦେବା ସହିତ ଜନକଲ୍ୟାଣ ନିମନ୍ତେ କାର୍ଯ୍ୟକରିବେ ବୋଲି ଥାନାଧିକାରୀ ବିଶ୍ୱାଳ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।


ନୂତନ ଥାନାଧିକାରୀଙ୍କୁ କର୍ମଚାରୀମାନେ ସ୍ୱାଗତ କରୁଛନ୍ତି ।

# ଗଳିପୋଲ ନିର୍ମାଣ ଆଶା ଉଜ୍ଜୀବିତ

- କ୍ଷେତ୍ର ପରିଦର୍ଶନ କଲେ ଏମ୍‌ପି
- ପ୍ରଧାନମନ୍ତ୍ରୀ ଓ ପରିବହନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ

ରସୁଲପୁର,୧୫।୭(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅଫିସ ସମ୍ମୁଖ ୧୬ନମ୍ବର ଜାତୀୟ ରାଜପଥରେ ଗଳିପୋଲ ନିର୍ମାଣ ଆଶା ଉଜ୍ଜୀବିତ ହୋଇଛି। ଏଥିପାଇଁ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଶନିବାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ପରେ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିବା ସହ ରାଜପଥ କର୍ତ୍ତୃପକ୍ଷ ଓ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରଣାଳୟ ଅଧିକାରୀଙ୍କୁ ପତ୍ର ଜରିଆରେ ଅବଗତ କରାଇଛନ୍ତି। ଦାବି ମୁତାବକ ପ୍ରସ୍ତାବିତ ସ୍ଥାନରେ ଗଳି ପୋଲ ନିର୍ମାଣ ପାଇଁ ସବୁ ପ୍ରକାର ପଦକ୍ଷେପ ନେବେ ବୋଲି ସେଠୀ ଲୋକଙ୍କୁ କହିଛନ୍ତି। ଏହି ପ୍ରସଙ୍ଗକୁ ସଂସଦରେ ଉତ୍ଥାପନ କରି ପ୍ରଧାନମନ୍ତ୍ରୀ ଓ ପରିବହନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ମୁତାବକ, ବ୍ଲକ ଅଫିସ ସମ୍ମୁଖରେ ଗଳିପୋଲ ନିର୍ମାଣ ଜରୁରୀ ହୋଇପଡ଼ିଛି। ଏହି ରାସ୍ତାଦେଇ ବ୍ଲକ ଅଧୀନ ୩ଟି ନିର୍ବାଚନମଣ୍ଡଳୀ ଲୋକେ ବ୍ଲକ କାର୍ଯ୍ୟାଳୟକୁ ଯାତାୟାତ କରୁଛନ୍ତି। ଏଠାରେ ଗଳିପୋଲ ନିର୍ମାଣରେ ଟାଳଟୁଳନୀତି ଅବଲମ୍ବନ କରି ରାଜପଥ ସମ୍ପ୍ରସାରଣ ଓ ମରାମତି କାର୍ଯ୍ୟ ସମ୍ପନ୍ନ ହୋଇଛି। ରାଜପଥର ଉଭୟ ପାର୍ଶ୍ୱ ଓ ଡିଭାଇଡରରେ ଲୁହାବାଡ ଲଗାଯାଇଥିବାରୁ ରସୁଲପୁର ଓ ବାହାଦଲାପୁର ପଞ୍ଚାୟତର ଜନସାଧାରଣ, ଚାଷୀ, ବ୍ୟବସାୟୀ ଓ ବ୍ଲକକୁ ଆସୁଥିବା ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସ୍ଥାନୀୟ ଅଞ୍ଚଳର ଚାଷୀ ରାଜପଥ ଉଭୟ ପାର୍ଶ୍ୱକୁ ଯା-ଆସ କରିବାରେ ଅସୁବିଧା ଭୋଗୁଛନ୍ତି। ଯାନବାହନରେ ୪କି.ମି.ରୁ ଊର୍ଦ୍ଧ୍ୱ ରାସ୍ତା ବୁଲି ବ୍ଲକ ଅଫିସକୁ ଆସିବାକୁ ପଡୁଛି। ରାସ୍ତା କମାଇବା ପାଇଁ ଅଧିକାଂଶ ଯାନବାହନ, ସାଧାରଣ ଲୋକେ ରାଜପଥର ଭୁଲ ରାସ୍ତାରେ ଯିବା ଆସିବା କରୁଛନ୍ତି। ଏଭଳି ସ୍ଥିତିରେ ଦୁର୍ଘଟଣାକୁ ଆମନ୍ତ୍ରଣ କରାଯିବା ସହ ଧନଜୀବନ ପ୍ରତି ବିପଦକୁ ଆହ୍ୱାନ କରାଯାଉଛି। ଏସବୁ ସ୍ଥିତିରୁ ମୁକୁଳିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଏକ ଦାବିପତ୍ର ମେ' ମାସରେ ଏମ୍‌ପି ସେଠୀଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ଦାବିକୁ ଆଧାରକରି ଏମ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜପଥ ଆଞ୍ଚଳିକ କାର୍ଯ୍ୟାଳୟ ଜରିଆରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରଣାଳୟକୁ ପତ୍ର ଜରିଆରେ ଅବଗତ କରାଯାଇଥିଲା। ଏମ୍‌ପିଙ୍କ ପତ୍ରକୁ ମନ୍ତ୍ରଣାଳୟ ପକ୍ଷରୁ ଗୁରୁତ୍ୱ ଦିଆଯାଇ ପଦକ୍ଷେପ ନିଆଯାଉଛି ବୋଲି କୁହାଯାଉଛି। ସେହି ଆଧାରରେ ଏମ୍‌ପି ପ୍ରସ୍ତାବିତ ଗଳିପୋଲ ସ୍ଥାନ ପରିଦର୍ଶନ କରିଛନ୍ତି। ଏମ୍‌ପି ନିକଟରେ ଦିଲ୍ଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ତେଣୁ ଏଠାରେ କ୍ଷେତ୍ର ବୁଲିବା ବେଳେ ଅନୁଧ୍ୟାନ କରିଥିବା ସ୍ଥିତି ସମ୍ପର୍କରେ ଏକ ରିପୋର୍ଟ ପ୍ରଦାନ କରି କେନ୍ଦ୍ର ଓ ସଡ଼କ ପରିବହନ ମନ୍ତ୍ରଣାଳୟକୁ ଅବଗତ କରାଇବେ ବୋଲି ସେ କହିଛନ୍ତି। ଏମ୍‌ପିଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ, ବାହାଦଲାପୁର ସରପଞ୍ଚ ମହେନ୍ଦ୍ର ଦାସ, ରସୁଲପୁର ସରପଞ୍ଚ ସୁରେନ୍ଦ୍ର ତିଆଡି, ବ୍ଲକ ଯୁବ ବିଜେଡି ସଭାପତି ମନୋଜ ରାଉତ, ବିଶ୍ୱଜ୍ୟୋତି ପତି, ପ୍ରଶାନ୍ତ ପରିଡ଼ା, ଭାସ୍କର ମଲିକ, ବିଶ୍ୱଜିତ୍ ପଲେଇ, ମଇନ ମଲିକ, ମହେନ୍ଦ୍ର ମଲିକ, ବିଶ୍ୱନାଥ ପରିଡ଼ା ଓ ସୁମନ୍ତ ଦାସଙ୍କ ସମେତ ଓରାଳି ଏବଂ ରସୁଲପୁର ଗ୍ରାମର ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।


ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଓ ଅନ୍ୟମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି ।


## ପୌରପରିଷଦ କାର୍ଯ୍ୟାଳୟ:ଝାରସୁଗୁଡା

ସଂଖ୍ୟା 4221, ତା.01.07.2023 ରିଖ

**ଇସ୍ତାହାର**

**No.C-811:** ଏତଦ୍ୱାରା ଝାରସୁଗୁଡା ପୌରପରିଷଦ ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୌରପରିଷଦ ଅଧୀନସ୍ଥ ପ୍ଲଟ/ଦୋକାନ ନଂ.୧୩୦/୨୮ (୧୦'x୧୦') ଯାହାକି ଶ୍ରୀ ହରଭଜନ ସିଂଙ୍କ ନାମରେ ରେକର୍ଡଭୁକ୍ତ ଅଛି, ଉକ୍ତ ଦୋକାନଟିକୁ ଶ୍ରୀ ଦେବିନଦର ସିଂ, ପିତା ସ୍ୱର୍ଗତ ସର୍ଦାର ଇନ୍ଦ୍ର ସିଂଙ୍କ ନାମରେ ହସ୍ତାନ୍ତର କରି ନାମ ଦର୍ଜ କରିବାପାଇଁ ପୌରପରିଷଦ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି । ଯଦି ଏଥିରେ କାହାର କିଛି ଆପତ୍ତି କିମ୍ବା ଅଭିଯୋଗ ଅଛି କିମ୍ବା ଥାଏ, ତାହାହେଲେ ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ପୌରପରିଷଦ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିପାରିବେ ଓ ନିର୍ଦ୍ଧାରିତ ସମୟ ପରେ କୌଣସି ଆପତ୍ତି ବା ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ, ଝାରସୁଗୁଡା

OIPR-13165/11/0012/2324



## SAMBALPUR MUNICIPAL CORPORATION
## SAMBALPUR, ODISHA - 768001

Phone No.: 0663-2411316 / E Mail: sambalpurm.hud@nic.in

Azadi Ka Amrit Mahotsav

Notice No. 6042/SMC — Dated: 13.07.2023

**CORRIGENDUM NOTICE**

**Reference: Request for Proposal Notice, 5746/SMC / Dtd.: 06.07.2023**

No. C-808: For Zone-2 in the Page No. 05 of request for proposal for selection of Agency for door to door collection and transportation of municipal solid waste within SMC area the Point No. 6 Bid Data table row No. 5 stands modified to

| | |
|---|---|
| Date of Pre Bid Meeting | 5.00 P.M. on Dtd.17.07.2023 |

Instead of

| | |
|---|---|
| Date of Pre Bid Meeting | 5.00 P.M. on Dtd.15.07.2023 |

Sd./- Commissioner
Sambalpur Municipal Corporation

OIPR-13122/11/0034/2324

## ସଂକ୍ଷେପରେ

### ଶତାୟୁ ସାମାଜିକ କର୍ମୀଙ୍କ ପରଲୋକ



ଓଡଗାଁ,୧୫ା୭(ଆଦର୍ଶ କୁମାର ପଟ୍ଟନାୟକ): ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ପାନ୍ତିଖରୀ ପଞ୍ଚାୟତ ମଶାବାରୀ ଗ୍ରାମର ଶତାୟୁ ସାମାଜିକ କର୍ମୀ ପଠାଣି ଜେନାଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି । ସେ ଦୀର୍ଘ ୪୦ ବର୍ଷ ହେଲା ମଶାବାରୀ ଗ୍ରାମ ସଭାପତି ଭାବେ ଦାୟିତ୍ୱ ତୁଲାଇ ଗ୍ରାମବାସୀଙ୍କୁ ସମୁଚିତ ନ୍ୟାୟ ପ୍ରଦାନ କରିଥିଲେ । ସେ କିଛି ଦିନ ହେଲା ବୟସାଧିକ କାରଣରୁ ଶଯ୍ୟାଶାୟୀ ଥିଲେ । ମୃତ୍ୟୁ ବେଳକୁ ତାଙ୍କର ବଡ଼ପୁଅ ପଦ୍ମଲୋଚନ, ଆର୍ମି ଭେଟେରାନ କୀର୍ତ୍ତନ ଜେନାଙ୍କ ସହିତ ସମସ୍ତ ୫ ପୁଅ, ବୋହୂ, ଝିଅ, ନାତି ନାତୁଣୀ ଉପସ୍ଥିତ ଥିଲେ । ଆର୍ମି ଭେଟେରାନ ସଭାପତି ସୁବେଦାର ବିଜୟ କୁମାର ଦାଶ ଓ ସମ୍ପାଦକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଦର୍ଶ କୁମାର ପଟ୍ଟନାୟକ ଜେନାଙ୍କୁ ଶେଷ ଦର୍ଶନ କରିବାକୁ ସହିତ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି ।

### କାଶୀନଗର ଷ୍ଟେଶନରେ ରାଜ୍ୟରାଣୀ ଏକ୍ସପ୍ରେସ୍‌ର ରହଣି

କାଶୀନଗର, ୧୫ା୭ (ଟି.କ୍ରିଷ୍ଣାରାଓ): କାଶୀନଗର ଅଞ୍ଚଳବାସୀଙ୍କ ବହୁ ଦିନର ଦାବି ପୂରଣ ହୋଇଛି । ସ୍ଥାନୀୟ ଷ୍ଟେସନରେ ଶନିବାର ଠାରୁ ପରୀକ୍ଷାମୂଳକ ଭାବେ ରହଣି ଆରମ୍ଭ କରିଛି ରାଜ୍ୟରାଣୀ ଏକ୍ସପ୍ରେସ । ପ୍ରକାଶ ଯେ, ରାୟଗଡା ଜିଲା ଗୁଣୁପୁର ଓ ରାଉରକେଲା ମଧ୍ୟରେ ଟ୍ରେନ ଚଳାଚଳ ଆରମ୍ଭ ପରେ ପ୍ରଥମେ ଉକ୍ତ ଏକ୍ସପ୍ରେସର କାଶୀନଗର ଷ୍ଟେସନରେ ରହଣି ବ୍ୟବସ୍ଥା ଥିଲା । କିନ୍ତୁ ପରବର୍ତ୍ତୀ ସମୟରେ କୌଣସି କାରଣରୁ ଏହା ବନ୍ଦ ହୋଇଯାଇଥିଲା । ଯାତ୍ରୀମାନଙ୍କୁ ୩୦ କିମି ଦୂର ପାରଳାଖେମୁଣ୍ଡି ବା ଗୁଣୁପୁର ଯାଇ ଟ୍ରେନ ଧରିବାକୁ ପଡୁଥିଲା । ତେଣୁ ସ୍ଥାନୀୟ ରାଜନେତା, ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଉକ୍ତ ଟ୍ରେନର କାଶୀନଗର ଷ୍ଟେସନରେ ରହଣି ପାଇଁ ନିବେଦନ ଜଣାଇଥିଲେ । କାଶୀନଗର ନାଗରିକ ମହାସଭା ପକ୍ଷରୁ ପୂର୍ବତଟ ରେଳବାଇର ବିଶାଖପାଟଣା ଡିଭିଜନ ମ୍ୟାନେଜର ଅନୁପ ସତପଥୀଙ୍କ କାଶୀନଗର ଗସ୍ତ ବେଳେ ତାଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ଶନିବାର ଷ୍ଟେସନରେ ଟ୍ରେନ ରହଣି ହୋଇଥିବାରୁ ଜନସାଧାରଣ ସ୍ୱାଗତ ଜଣାଇଛନ୍ତି ।

### ଆବାସ ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ

ଜି.ଉଦୟଗିରି,୧୫ା୭(ଶିଶିର ପଟ୍ଟନାୟକ)–ଜି.ଉଦୟଗିରି ଏନଏସି ଅଧୀନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନେକ ହିତାଧିକାରୀ ବର୍ତ୍ତମାନ ସୁଦ୍ଧା ଘର ଟିଏ ପାଇ ପାରିନଥିବା ଯୋଗୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏ ସମ୍ପର୍କରେ ଏନଏସିର ଆବାସ ଯୋଜନାର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିବାରେ ବର୍ତ୍ତମାନ ସୁଦ୍ଧା ୬୧୪ ଜଣଙ୍କୁ ଘର ପାଇଁ ଅନୁଦାନ ଦିଆ ହୋଇଛି ସେଥିମଧ୍ୟରୁ ୪୫୧ ଜଣ ଘର ସମ୍ପୂର୍ଣ୍ଣ କରି ସାରିଲେଣି । ବର୍ତ୍ତମାନ ନୂତନ ଭାବେ ୧୦୫ ଜଣ ଘରପାଇଁ ଆବେଦନ କରିଛନ୍ତି ସେମାନଙ୍କ ଡିପିଆର ପଠାଯାଇଛି । ଅନୁମୋଦନ ହୋଇ ଆସିବା କ୍ଷଣି ସେମାନଙ୍କୁ ଏହି ଯୋଜନାରେ ସାମିଲ କରି ଘର ଯୋଗାଯିବ ବୋଲି କହିଥିଲେ । ଘର ପଟା ଥିବା ହିତାଧିକାରୀ ଓ ଜାଗା ମିଶନ ଦ୍ୱାରା ଚିହ୍ନଟ ହୋଇଥିବା ହିତାଧିକାରୀ ମାନଙ୍କୁ ଏହି ଯୋଜନା ମାଧ୍ୟମରେ ଘର ଦିଆଯାଉଛି ବୋଲି କହିଛନ୍ତି । ସେହିପରି କଟିଙ୍ଗିଆ ପଞ୍ଚାୟତ ସିପାଏଜୁ ଗ୍ରାମର ଅମୀୟ ଦିଗଲଙ୍କ ପରିବାର ସମେତ ଗ୍ରାମାଞ୍ଚଳର ଶତାଧିକ ଲୋକ ଏହି ସବୁ ଯୋଜନା ମାଧ୍ୟମରେ ବାସଗୃହଟିଏ ନପାଇ ଭଙ୍ଗା ଚାଳ ଘରେ ଜୀବନ କାଟୁଛନ୍ତି । ତେଣୁ ସରକାର ପୁଣିଥରେ ଗ୍ରାମାଞ୍ଚଳରେ ସଠିକ ଭାବରେ ସର୍ଭେ କରି ଯୋଗ୍ୟ ହିତାଧିକାରୀମାନଙ୍କୁ ବାସଗୃହ ଯୋଗାଇବା ପାଇଁ ଦାବି ହେଉଛି ।

# ଗୋପୀନାଥ ଜୀଉଙ୍କ ଜମି ହସ୍ତାନ୍ତର ପାଇଁ ବିଜ୍ଞପ୍ତି

**ନୟାଗଡ଼,୧୫ା୭(ଲୋକନାଥ ମିଶ୍ର)**

ନୟାଗଡ଼ ପୁରୁଣା ସହରରେ ବିଜେ ଗୋପୀନାଥ ଜୀଉଙ୍କ ନୟାଗଡ଼ ବ୍ଲକ୍ କୃଷ୍ଣପ୍ରସାଦ ଗ୍ରାମ ନିକଟସ୍ଥ ୩ ଏକର ୨୦ ଡିସିମିଲ ଜମିକୁ ହସ୍ତାନ୍ତର କରିବା ପାଇଁ ନିଜେ ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ଦେବୋତ୍ତର କମିଶନରଙ୍କୁ ଆବେଦନ କରିଛନ୍ତି । କାହାକୁ କିମ୍ବା କାହାପାଇଁ ଉକ୍ତ ଜମିକୁ ହସ୍ତାନ୍ତର କରାଯିବ ସେ ସଂକ୍ରାନ୍ତରେ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ ନ ଥିବାରୁ ଠାକୁରଙ୍କ ମୂଲ୍ୟବାନ ଜମିକୁ ଉପଜିଲାପାଳ କାହିଁକି ହସ୍ତାନ୍ତର କରିବାକୁ ଯାଉଛନ୍ତି ତାହା ସନ୍ଦେହଘେରକୁ ଆସିଛି । ଏହି ଘଟଣାକୁ ନେଇ ଗୋପୀନାଥ ଜୀଉଙ୍କ ସମ୍ପତ୍ତି ସୁରକ୍ଷା କମିଟି ପ୍ରତିବାଦ କରିଛି । ଗୋପୀନାଥ ଜୀଉଙ୍କ ସମ୍ପତ୍ତି ସୁରକ୍ଷା କମିଟିର ନିର୍ଦ୍ଦିଷ୍ଟ ପ୍ରସ୍ତାବ ଠାକୁରଙ୍କ ପଡ଼ିରହିଥିବା ଜମିକୁ ଯେ କେହି ନେଇ ପାରେ । ତେବେ ଠାକୁରଙ୍କ ଜମିର ଉପଯୁକ୍ତ ମୂଲ୍ୟ ଦିଆଯାଇ ଜମି ହସ୍ତାନ୍ତର କରାଯାଉ । ହସ୍ତାନ୍ତର ପାଇଁ ଲବ୍ଧ ଅର୍ଥକୁ ଗୋପୀନାଥ ଜୀଉଙ୍କ ନାମରେ ବ୍ୟାଙ୍କରେ ସ୍ଥାୟୀ ଜମା ରଖାଯାଉ । ତହିଁରୁ ଉପାର୍ଜିତ ସୁଧରେ ଅନ୍ତତଃ ପକ୍ଷେ ଠାକୁରଙ୍କ ପୂଜା, ଭୋଗ ଇତ୍ୟାଦି ଦୈନନ୍ଦିନ ଖର୍ଚ୍ଚ ଭରଣ କରାଯାଉ । ରାଜ୍ୟ ସରକାର ଯଦି ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନ ନିଅନ୍ତି ତେବେ ଗୋପୀନାଥ ଜୀଉଙ୍କ ସମ୍ପତ୍ତି ସୁରକ୍ଷା କମିଟି ତରଫରୁ ପ୍ରତିବାଦ ଓ ଆନ୍ଦୋଳନ କରାଯିବ ବୋଲି କମିଟିର ଆବାହକ ପ୍ରମୋଦ ପଟ୍ଟନାୟକ, ରଣଜିତ୍ ଦାଶ, ସ୍ମୃତିରଞ୍ଜନ ପଟ୍ଟନାୟକ, ସଞ୍ଜୟ କୁମାର ପୃଷ୍ଟି ପ୍ରମୁଖ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।



ଗୋପୀନାଥ ଜୀଉ ।

- ଦେବୋତ୍ତର କମିଶନରଙ୍କ ନିକଟରେ ଆବେଦନ
- ଜମି ବିକ୍ରୀ ଅର୍ଥ ଠାକୁରଙ୍କ ନାଁରେ ଡିପୋଜିଟ ପାଇଁ ଦାବି

ସୂଚନାଯୋଗ୍ୟ, ଗୋପୀନାଥ ଜୀଉଙ୍କ ନାମରେ ଥିବା ଅନେକ କୋଟି ଟଙ୍କା ମୂଲ୍ୟର ଭୂସମ୍ପତ୍ତି ରହିଛି । ଏଥିରୁ ୯ଏକର ୪୮ ଡିସିମିଲ ଜମି ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଦଖଲରେ ରହିଛି । ନୟାଗଡ଼ ମହାବିଦ୍ୟାଳୟ ନିଜ ଅକ୍ତିଆରରେ ରଖିଥିବା ଠାକୁରଙ୍କ କିଛି ଜମିରେ ନିର୍ମାଣ କାର୍ଯ୍ୟ କରି ସାରିଛି । ତେବେ ଜମି ପାଇଁ ଠାକୁରଙ୍କୁ ଏକଟଙ୍କା ନ ଦେବା ପାଇଁ ବିଭିନ୍ନ ଷଡଯନ୍ତ୍ର କରୁଛି । ହେଲେ ଠାକୁରଙ୍କ ନାମରେ ଥିବା ମହାବିଦ୍ୟାଳୟ ଅକ୍ତିଆରରେ ରହିଥିବା ୯ ଏକର ୪୮ ଡିସିମିଲ ଜମିର ବଜାର ମୂଲ୍ୟ ଅତିକମ୍‌ରେ ଶହେକୋଟି ଟଙ୍କା ହୋଇଛି । ଏଭଳିସ୍ଥଳେ କୃଷ୍ଣପ୍ରସାଦର ୩ ଏକର ୨୦ ଡିସିମିଲ ହସ୍ତାନ୍ତର ପାଇଁ ଥିବା ଜମିର ବଜାର ଦର ୬ କୋଟି ହେବ ବୋଲି ଜଣାପଡ଼ିଛି । ଠାକୁରଙ୍କ ବହୁ କୋଟି ଟଙ୍କାର ଜମିକୁ କଲେଜ ଅକ୍ତିଆର କରି ରଖିଥିବାବେଳେ କୃଷ୍ଣପ୍ରସାଦ ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭକୁ ନେଇ ବିରୋଧ ଦେଖା ଦେଇଛି ।

### କୋଟିପତି ଠାକୁର ଅନ୍ୟ ଦୟାରେ:

ଗୋପୀନାଥ ଜୀଉ ଠାକୁରଙ୍କ ବହୁ କୋଟି ଟଙ୍କାର ଭୂ ସମ୍ପତ୍ତି ରହିଛି । ତେବେ ଗୋପୀନାଥ ଜୀଉ ଭକ୍ତର ଦୟା ଉପରେ ନିର୍ଭର କରୁଛନ୍ତି । ଠାକୁରଙ୍କ ଖେଚୁଡ଼ି ଏବଂ ଭୋଗ ସବୁକିଛି ଦାତାଙ୍କ ଦାନରେ ଚାଲିଛି । ଦାତାଙ୍କ ଅର୍ଥରେ ଗୋପୀନାଥ ମନ୍ଦିରର ମରାମତି ଏବଂ ସୌନ୍ଦର୍ଯ୍ୟକରଣ ହୋଇଛି । କିନ୍ତୁ ଦେବୋତ୍ତର ବିଭାଗର ଅନୁଦାନ ଶୁନ କହିଲେ ଚଳେ । ଏଭଳିସ୍ଥଳେ ଠାକୁରଙ୍କ ସମ୍ପତ୍ତି ବିକ୍ରୀ ଅର୍ଥ ଠାକୁରଙ୍କ ନାଁରେ ରଖିବାକୁ ଗୋପୀନାଥ ଜୀଉଙ୍କ ସମ୍ପତ୍ତି ସୁରକ୍ଷା କମିଟି ଆଗେଇ ଆସିଛି । ଏନେଇ ନୟାଗଡ଼ ଦେବୋତ୍ତର ମ୍ୟାନେଜର ତାପସ ପଟ୍ଟନାୟକ କୁହନ୍ତି, କୁସୁମୀ ବ୍ୟାରେଜ କାମରେ ଠାକୁରଙ୍କ ଜମି ବ୍ୟବହାର ହେବ । ନୟାଗଡ଼ ଜଳସମ୍ପଦ ବିଭାଗ ଏହାକୁ ସରକାରୀ ପ୍ରାପ୍ୟ ଦେଇ ନେବ । ଏ ଉପରେ ବିଜ୍ଞପ୍ତି ଠାକୁରଙ୍କ ମନ୍ଦିରରେ ମରାଯାଇଛି ବୋଲି କହିଛନ୍ତି । ଅନ୍ୟପକ୍ଷେ ଉପ-ଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ଶକ୍ତିକାନ୍ତ ରାୟଙ୍କୁ ମତାମତ ପାଇଁ ଫୋନ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ ।

# ୫-ଟି ସଚିବଙ୍କ ଗସ୍ତ ନେଇ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ବିଜେଡି କର୍ମକର୍ତ୍ତା ।

**ଭାପୁର,୧୫ା୭(ଭରତ କୁମାର ବେହେରା)**

ଭାପୁର ବ୍ଲକ ଅଧୀନ ଭାପୁର ବାଇପାସ ନିକଟସ୍ଥ ଶ୍ରୀରାମ ବିହାର କଲ୍ୟାଣ ମଣ୍ଡପ ପରିସରରେ ୫-ଟି ସଚିବଙ୍କ ଗସ୍ତ ନେଇ ବିଜୁ ଜନତା ଦଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭାପୁର ବ୍ଲକ ବିଜେଡି ସଭାପତି ଜିତେନ୍ଦ୍ର କୁମାର ରଣସିଂହଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେବା ସହିତ ଆସନ୍ତା ୨୦ରେ ୫-ଟି ସଚିବ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ନେଇ ସୂଚନା ଦେଇଛନ୍ତି । ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଯୋଗଦେବା ସହିତ ପ୍ରଶାସନିକସ୍ତରରେ ନିଆଯାଇଥିବା ନିଷ୍ପତ୍ତି ବାବଦରେ ସୂଚନା ଦେଇଥିଲେ । ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଭାପୁର ପଞ୍ଚାୟତ ସମିତିର ଜନପ୍ରତିନିଧି, ବିଜୁଜନତା ଦଳର ପଞ୍ଚାୟତର ସଭାପତି, ସମ୍ପାଦକ ଓ କର୍ମୀ ଉପସ୍ଥିତ ରହିଥିଲେ । ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଆସୁଥିବାରୁ ବ୍ଲକ ଅଧୀନ ୨୦ ପଞ୍ଚାୟତରେ ଉନ୍ନତିମୂଳକ ପ୍ରକଳ୍ପ ତିଆରି ଚାଲିଥିବା ନେଇ ସୂଚନା ଦେଇଥିଲେ ।

# ଦଳିତ ମହିଳାଙ୍କୁ ଦୁର୍ବ୍ୟବହାର, ଜାତିଆଣ ଆକ୍ଷେପ

**ନୟାଗଡ଼,୧୫ା୭(ଲୋକନାଥ ମିଶ୍ର)**

ଇଟାମାଟି ଥାନା ଦର୍ପନାରାୟଣପୁର କଲେଜର ଯୁକ୍ତ ୨ ଅଧ୍ୟକ୍ଷ ଜଣେ ଦଳିତ ମହିଳାଙ୍କୁ ମାରପିଟ୍, ଦୁର୍ବ୍ୟବହାର ଓ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ ହୋଇଛି । ଏନେଇ ନୂଆଗାଁ ଥାନା ମହିପୁର ଗାଁର ପୂର୍ଣ୍ଣିମା ନାୟକ ଘଟଣା ସମ୍ପର୍କରେ ଇଟାମାଟି ଥାନାରେ ଗତ ୧୨ ତାରିଖରେ ଅଭିଯୋଗ କରିଥିବାବେଳେ ନ୍ୟାୟ ପାଇ ନାହାନ୍ତି । ପୋଲିସ ଅଭିଯୋଗ ପାଇବାର ୪ ଦିନ ବିତିବାକୁ ବସିଥିବାବେଳେ ଘଟଣାର ସମାଧାନ କରିବାକୁ ଚାପ ପକାଉଥିବା ଅଭିଯୋଗ ହୋଇଛି । ତେବେ ପୂର୍ଣ୍ଣିମା ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍ ହୋଇ ନ୍ୟାୟ ମାଗିଛନ୍ତି । ୭ ଦିନ ଭିତରେ ନ୍ୟାୟ ନ ମିଳିଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି ।

- ଚାକିରି ପାଇଁ ନେଇଥିବା ଟଙ୍କା ମାଗିବାରୁ ଆକ୍ରମଣ
- ଦର୍ପନାରାୟଣପୁର କଲେଜ ଅଧ୍ୟକ୍ଷଙ୍କ ନାଁରେ ଏତଲା

ପୂର୍ଣ୍ଣିମାଙ୍କ ଅଭିଯୋଗ ଅନୁଯାୟୀ, ଗତ ୧ ବର୍ଷ ତଳେ ଦର୍ପନାରାୟଣପୁର କଲେଜର ଯୁକ୍ତ ୨ ପାଇଁ ୪ର୍ଥ ଶ୍ରେଣୀ କର୍ମଚାରୀ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ମୁଁ ସେଥିପାଇଁ ଆବେଦନ କରିଥିଲି । ମୋଠାରୁ କଲେଜର ଅଧ୍ୟକ୍ଷ ୫୦ ହଜାର ଟଙ୍କା ନେଇ ଚାକିରି କରାଇ ଦେବେ ବୋଲି ପ୍ରତିଶୃତି ଦେଇଥିଲେ । ଟଙ୍କା ଦେବାର ୧ ବର୍ଷ ବିତି ଯାଇଥିଲେ ମଧ୍ୟ ଚାକିରି ମିଳିନଥିଲା । ଫୋନ କଲେ ଅଧ୍ୟକ୍ଷ ଉଠାଇଲେ ନାହିଁ । ଦେଖା କଲେ ବାହାନା ବନାଇ ଚାଲି ଯାଉଥିଲେ । ଗତ ୧୨ ତାରିଖ ଦିନ କଲେଜ କୁ ଯାଇ ଦେଇଥିବା ୫୦ ହଜାର ଟଙ୍କା ମାଗିଥିଲି । ହେଲେ ଅଧ୍ୟକ୍ଷ ଚିହ୍ନି ନାହିଁ କହି ଏଡାଇ ଯାଇଥିଲେ । ତେବେ ମୁଁ ମୋର ପରିଚୟ ଦେବା ସହ ଟଙ୍କା କେଉଁଠାରେ ଦେଇଥିଲି କହିବା ପରେ ମୋତେ ଅସଦ୍ ବ୍ୟବହାର, ମାରପିଟ ଓ ଜାତିଆଣ ଆକ୍ଷେପ କରିଥିଲେ । ଘଟଣା ସମ୍ପର୍କରେ ମୁଁ ଇଟାମାଟି ଥାନାରେ ଅଭିଯୋଗ କରିଛି । ହେଲେ ପୋଲିସ କୌଣସି ପଦକ୍ଷେପ ନେଉ ନାହିଁ । ଏନେଇ ଅଧ୍ୟକ୍ଷ ପ୍ରଶାନ୍ତ ହାତୀଙ୍କୁ ପଚାରିବାରୁ କହିଥିଲେ, ମୁଁ ପୂର୍ଣ୍ଣିମା ନାୟକ କିଏ ଜାଣିନି । ତାଙ୍କୁ ମୁଁ ଜାତିଆଣ ଆକ୍ଷେପ, ମାରପିଟ୍ ଓ ଦୁର୍ବ୍ୟବହାର କରିନି । ତେବେ ସେ ମୋ କଲେଜକୁ ଯାଇ ମୋ ସହ ପାଟିତୁଣ୍ଡ କରିଥିଲେ । ମୁଁ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ପାଇଁ ୫୦ ହଜାର ଲାଞ୍ଚ ମଧ୍ୟ ନେଇ ନାହିଁ । ମୋତେ ସେ କାହିଁକି ବଦନାମ କରୁଛି ମୁଁ ବୁଝି ପାରୁନି । ମୁଁ ଠିକ୍‌ରେ ଥିବାରୁ ସବୁ ପ୍ରକାର ତଦନ୍ତକୁ ସ୍ୱାଗତ କରୁଛି ବୋଲି କହିଛନ୍ତି । ଇଟାମାଟି ଥାନା ଆଇଆଇସି ଦିଲୀପ ସ୍ୱାଇଁଙ୍କ ୯୪୩୯୭୨୧୮୮୮ ନଂକୁ ଫୋନ ଯୋଗ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ଉଠାଇ ନ ଥିଲେ ।

### ଆନ୍ତର୍ଜାତିକ ଯୁବ ଦକ୍ଷତା ଦିବସ

**ଫୁଲବାଣୀ, ୧୫ା୭(ରାକେଶ କୁମାର ରାଉତ)**

ଫୁଲବାଣୀ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଆଇଏମସି ଅଧ୍ୟକ୍ଷ ନୀଳମାଧବ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା ନିଯୁକ୍ତି ଅଧିକାରୀ ପୁରୁଷୋତମ ମହାପାତ୍ର, ଓଏଲଏମ୍‌ର ଜିଲା ପ୍ରକଳ୍ପ ପରିଚାଳକ ସନ୍ତୋଷ କୁମାର ରଥ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ସୁନିଲ କୁମାର ରଥ, ପ୍ରଦ୍ୟୁମ୍ନ କୁମାର ଦିଗାଲ୍, ଆଇଟିଆଇ ଅଧ୍ୟକ୍ଷ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗ ଦେଇ ଏହି ଦିବସର ପାଳନ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଏଥିସହ ବୈଷୟିକ ରୂପାନ୍ତରଣର ଶକ୍ତି, ଭବିଷ୍ୟତ ଦୃଷ୍ଟିକୋଣ ଓ ନିଯୁକ୍ତି ସୁଯୋଗ ଉପରେ ଆଲୋକପାତ କରିଥିଲେ । ସେହିପରି ସୁଦକ୍ଷା ଯୋଜନାରେ ଝିଅମାନଙ୍କ ପାଇଁ ରହିଥିବା ମାଗଣା ଆଡ଼ମିଶନ ଓ ପାଠପଢ଼ା ବିଷୟରେ ମଧ୍ୟ ଆଲୋଚନା କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ରାସ୍ତା ଉପରେ ମୃତଦେହ ରଖି ଆନ୍ଦୋଳନ



କ୍ଷତିପୂରଣ ଦାବିରେ ରାସ୍ତାରେ ମୃତଦେହ ରଖି ଉତ୍ତ୍ୟକ୍ତ ଲୋକେ ଆନ୍ଦୋଳନ କରୁଛନ୍ତି ।

**ପୁରୁଷୋତ୍ତମପୁର,୧୫ା୭(ସୀମାଞ୍ଚଳ ମିଶ୍ର)**

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ତାରାତାରିଣୀ ଛକଠାରେ ଶନିବାର ଟ୍ରକ ଧକ୍କାରେ ନମିତା ଦାସ ନାମକ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ଏହାକୁ ନେଇ କ୍ଷତିପୂରଣ ଦାବିରେ ଲୋକେ ତାରାତାରିଣୀ ଛକଠାରେ ରାସ୍ତା ଅବରୋଧ କରିବା ସହ ମୃତଦେହ ରାସ୍ତାରେ ରଖି ଆନ୍ଦୋଳନ କରିଥିଲେ । ପୁରୁଷୋତ୍ତମପୁର ତହସିଲଦାର ସନ୍ତୋଷ କୁମାର ସାହୁ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହ ରେଡକ୍ରସରୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ପୋଲିସ ଟ୍ରକ (ଓଡି ୧୪ ସି ୭୦୦୬)କୁ ଜବତ କରିଛି । ରାଇପୁର ଗ୍ରାମର ନମିତା ଦାସ କୌଣସି କାର୍ଯ୍ୟରେ ତାରାତାରିଣୀ ଛକକୁ ସକାଳେ ଆସି ରାସ୍ତା ପାରିହେବା ବେଳେ ଟ୍ରକଟି ଧକ୍କା ଦେଇଥିଲା । ତାଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡମେଡିକାଲକୁ ନିଆଯାଇଥିଲା, ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ।

# ବିବେକାନନ୍ଦ ଶିଶୁ ଶିକ୍ଷା ପ୍ରତିଷ୍ଠାନର ନୂତନ ଗୃହ ପ୍ରତିଷ୍ଠା

**ବେଲଗୁଣ୍ଠା,୧୫ା୭(କୃଷ୍ଣଚନ୍ଦ୍ର ପଟ୍ଟନାୟକ)**

ଗାଙ୍ଗପୁରସ୍ଥିତ ବିବେକାନନ୍ଦ ଶିଶୁ ଶିକ୍ଷା ପ୍ରତିଷ୍ଠାନର ନୂତନ ଗୃହ ପ୍ରତିଷ୍ଠା କାର୍ଯ୍ୟକ୍ରମ ହୋଇଯାଇଛି । ସଭାପତି ନୀଳମଣି ବିଷୋୟୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ରୂପେ ସାଇ କେଶରୀୟା ଚାରିଟେବଲ୍ ଟ୍ରଷ୍ଟ ସଭାପତି ଗୋପାଳ ରାଉତ, ପୂର୍ବତନ ସଭାପତି ଶରତଚନ୍ଦ୍ର ବିଷୋୟୀ, ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ପରିଷଦ ସମ୍ପାଦକ ପ୍ରକାଶ ବିଷୋୟୀ, ପ୍ରଧାନ ଆଚାର୍ଯ୍ୟା ସସ୍ମିତା ମାଝୀ, ସମ୍ପାଦକ ସୀମାଞ୍ଚଳ ପୃଷ୍ଟି, ଯୁଗ୍ମ ସମ୍ପାଦକ ପ୍ରକାଶ ଚନ୍ଦ୍ର ବିଷୋୟୀ, ସମାଜସେବୀ ପିତାମ୍ବରପ୍ରଧାନ, ଗାଙ୍ଗପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ଏଏସ୍‌ଆଇ ସୁଷମା ବେହେରା, ମହିଳା ସମାଜସେବୀ ପୁଷ୍ପାଞ୍ଜଳି ବିଷୋୟୀ, ଶୋଭାରାଣୀ ପୃଷ୍ଟି, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଉପଦେଷ୍ଟା ସନ୍ତୋଷ କୁମାର ବିଷୋୟୀ, ଖବରଦାତା କୃଷ୍ଣଚନ୍ଦ୍ର ପଟ୍ଟନାୟକ, ରାଜେଶ୍ ପାତ୍ର, ପଞ୍ଚାନନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ନିତ୍ୟାନନ୍ଦ ବିଷୋୟୀ, ବିକ୍ରମ ପାତ୍ର, ରଙ୍କ ବିଷୋୟୀ, ଦିବାକର ବିଷୋୟୀ, ପଦ୍ମ ବିଷୋୟୀଙ୍କ ସମେତ ସମସ୍ତ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ରହି ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ଏବଂ ଛାତ୍ରୀଛାତ୍ରଙ୍କ ଉନ୍ନତି ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ ।



ଶିକ୍ଷା ପ୍ରତିଷ୍ଠାନରେ ଅତିଥିମାନେ ଫିତାକାଟି ଶୁଭାରମ୍ଭ କରୁଛନ୍ତି ।

# ଦଣ୍ଡନାଚ ମହାସଂଘର ବୈଠକ

**ଆସିକା,୧୫ା୭ (ସୁରେନ୍ଦ୍ର ନାଥ ସାହୁ)**

ଗଞ୍ଜାମ ଜିଲା ଦଣ୍ଡନାଚ ମହାସଂଘର ଏକ କର୍ମକର୍ତ୍ତା ସ୍ତରୀୟ ବୈଠକ ଶନିବାର ଆସିକା ବସଷ୍ଟାଣ୍ଡସ୍ଥିତ ଓଡିଆ ସମାଜ ଗୃହଠାରେ ଅନୁଷ୍ଠିତ ହୋଇଥିଲା । ସଂଘ ସଭାପତି ଶିବରାମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗଞ୍ଜାମ ଜିଲା ନାଟ୍ୟ ନିର୍ଦ୍ଦେଶକ ସଂଘର ସଭାପତି ରାଜଗୋପାଳ ପାଢୀ, ନାଟ୍ୟ ନିର୍ଦ୍ଦେଶକ ମଦନ ମିଶ୍ର, ଗୁଟୁ ପାଢୀ, ନାରାୟଣ ମହାପାତ୍ର, ଶରତ ଚନ୍ଦ୍ର ସାହୁ, ଭାସ୍କର ପାତ୍ର ପ୍ରମୁଖ ଯୋଗ ଦେଇ ଜିଲାରେ ଦଣ୍ଡନାଚ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ । ଜିଲାରେ କଳାକାର ଭତ୍ତା ତାଲିକାରୁ ବାଦ ପଡିଥିବା କଳାକାରମାନଙ୍କୁ ଏହି ତାଲିକା ଭୁକ୍ତ କରିବା ଲାଗି ସଂଘ ପକ୍ଷରୁ ଦୃଢ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା । ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଦେବେନ୍ଦ୍ର ଶର୍ମା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଜିଲାର ସଂଖ୍ୟାଧିକ ଦଣ୍ଡନାଚ ଦଳର କର୍ମକର୍ତ୍ତା ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଉତ୍କଳ ବାପ୍ଟିଷ୍ଟ ମଣ୍ଡଳୀ ସମ୍ମିଳନୀର କୃତଜ୍ଞତା ସଭା

**ଆର,ଉଦୟଗିରି ୧୫ା୭(ମନୋଜ କୁମାର ପାଢ଼ୀ)**

ଆର୍.ଉଦୟଗିରି ବ୍ଲକ ତଲଡା ଗ୍ରାମରେ ଅବସ୍ଥିତ ଉତ୍କଳ ବାପ୍ଟିଷ୍ଟ ମଣ୍ଡଳୀ ସମ୍ମିଳନୀର ମିଶନ ବଙ୍ଗଳାଠାରେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ସଭା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି କେ ପଣ୍ଡିଆନ ଦୁଇଦିନିଆ ଗଜପତି ଜିଲା ଗସ୍ତ କରି ଲୋକଙ୍କ ବିଭିନ୍ନ ସମସ୍ୟା ବୁଝିଥିଲେ । ଗସ୍ତ ସମୟରେ ଜିଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମସ୍ୟା ବିଷୟରେ ପାଣ୍ଡିଆନଙ୍କୁ ଲିଖିତ ଅଭିଯୋଗ କରିଥିଲେ । ସେହି ଅନୁରୋଧ କ୍ରମେ ରାଜ୍ୟ ସରକାର ରାଜକୋଷରୁ ଉତ୍କଳ ବାପ୍ଟିଷ୍ଟ ମଣ୍ଡଳୀ ସମ୍ମିଳନୀର ମିଶନ ବଙ୍ଗଳା କୋଠଘର ନିମନ୍ତେ ୨୦ଲକ୍ଷ ଏବଂ ପାଚେରୀ ନିର୍ମାଣ ନିମନ୍ତେ ୧୬ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଅନୁମୋଦନ କରିଥିବାରୁ ସମ୍ମିଳନୀ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଦେବା ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି.କେ ପାଣ୍ଡିୟାନଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସ, ଜିଲା ମହିଳା ସଭାପତି ତଥା ରାୟଗଡ଼ ବ୍ଲକ ଅଧ୍ୟା ପୂର୍ଣ୍ଣବାସୀ ନାୟକ, ଉପସଭାପତି ଜେମସ ରାଇକା, ବିଜେଡି ମାଇନୋରିଟି ଜେନେରଲ ସେକ୍ରେଟେରି ପଲ୍ଲବ ଲିମ୍ମା, ପୂର୍ବତନ ଜିଲା ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଆର୍. ଉଦୟଗିରି ବିଡିଓ ଲରିମନ ଖର୍ସେଲ, ଅଧକ୍ଷ୍ୟ ଲକ୍ଷ୍ମୀନାରାୟଣ ଶବର, ବ୍ଲକ ବିଜେଡି ସଭାପତି ଭୀମ ପାଇକ ସମେତ ଜିଲାର ସାସଂଦ ପ୍ରତିନିଧିଗଣ, ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ଜେଇ ଏବଂ ବିଭିନ୍ନ ବିଭାଗର ଅଧିକାରୀ ନିମନ୍ତ୍ରିତ ଅତିଥିଭାବେ ଯୋଗ ଦେଇଥିଲେ । ଜିଲାର ବିଭିନ୍ନ ମଣ୍ଡଳୀ, ସମାଜର ପଦାଧିକାରୀ ଏବଂ ବିଜେଡିର ଶତାଧିକ କର୍ମୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଉତ୍କଳ ବାପଟିଷ୍ଟ ମଣ୍ଡଳୀ ସମ୍ମିଳନୀ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ସଭାପତି ପାଳକ ଆଚାର୍ଯ୍ୟ ଗିଦୀୟନ ମିଶାଲ ପରିଚାଳନା ଏବଂ ସମ୍ପାଦକ ପାଳକ ଆଚାର୍ଯ୍ୟ ଜିସାକ ପାଣି ଅଭ୍ୟର୍ଥନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।



### ବିପଦସଙ୍କୁଳ ଅବସ୍ଥାରେ ଶୁଖିଲା ଗଛ

**ଖଜୁରିପଡ଼ା,୧୫ା୭(ବିଦ୍ୟୁର ବେହେରା)**

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବାରପୁଲିଆ ଠାରୁ ପକାନା ଗାଁକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ମଧ୍ୟ ଭାଗରେ ନବଗୁବା ଛକ । ସେହି ଛକ ନିକଟ ରାସ୍ତା କଡ଼ରେ ଥିବା ଏକ ବଡ଼ ଶୁଖିଲା ଆମ୍ବଗଛ ବିପଦସଙ୍କୁଳ ଅବସ୍ଥାରେ ରହିଛି । ସେହି ରାସ୍ତାରେ ଲୋକେ ଯାତାୟାତ କରିବା ବେଳେ କେତେବେଳେ ଯେ ଅଘଟଣ ନ ଘଟିବ କହି ତାହା ହେଉନାହିଁ । ତେଣୁ ବିଭାଗୀୟ ଅଧିକାରୀ ମାନେ ଏଥିପ୍ରତି ଦୃଷ୍ଟି ଦେଇ ଗଛଟିକୁ ହଟାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।


## ପୌରପରିଷଦ କାର୍ଯ୍ୟାଳୟ:ଝାରସୁଗୁଡା

ସଂଖ୍ୟା 4221, ତା.01.07.2023 ରିଖ

**ଇସ୍ତାହାର**

**No.C-811:** ଏତଦ୍ୱାରା ଝାରସୁଗୁଡା ପୌରପରିଷଦ ଅନ୍ତର୍ଗତ ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୌରପରିଷଦ ଅଧୀନସ୍ଥ ପ୍ଲଟ/ଦୋକାନ ନଂ.୧୩୦/୨୮ (୧୦'x୧୦') ଯାହାକି ଶ୍ରୀ ହରଭଜନ ସିଂଙ୍କ ନାମରେ ରେକର୍ଡଭୁକ୍ତ ଅଛି, ଉକ୍ତ ଦୋକାନଟିକୁ ଶ୍ରୀ ଦେବିନଦର ସିଂ, ପିତା ସ୍ୱର୍ଗତ ସର୍ଦାର ଇନ୍ଦ୍ର ସିଂଙ୍କ ନାମରେ ହସ୍ତାନ୍ତର କରି ନାମ ଦର୍ଜ କରିବାପାଇଁ ପୌରପରିଷଦ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି । ଯଦି ଏଥିରେ କାହାର କିଛି ଆପତ୍ତି କିମ୍ବା ଅଭିଯୋଗ ଅଛି କିମ୍ବା ଥାଏ, ତାହାହେଲେ ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ପୌରପରିଷଦ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିପାରିବେ ଓ ନିର୍ଦ୍ଧାରିତ ସମୟ ପରେ କୌଣସି ଆପତ୍ତି ବା ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ସ୍ୱା./–କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ, ଝାରସୁଗୁଡା

OIPR-13165/11/0012/2324



## SAMBALPUR MUNICIPAL CORPORATION
## SAMBALPUR, ODISHA - 768001

Azadi Ka Amrit Mahotsav

Phone No.: 0663-2411316 / E Mail: sambalpurm.hud@nic.in

Notice No. 6042/SMC | Dated: 13.07.2023

**CORRIGENDUM NOTICE**

**Reference: Request for Proposal Notice, 5746/SMC / Dtd.: 06.07.2023**

No. C-808: For Zone-2 in the Page No. 05 of request for proposal for selection of Agency for door to door collection and transportation of municipal solid waste within SMC area the Point No. 6 Bid Data table row No. 5 stands modified to

| | |
|---|---|
| Date of Pre Bid Meeting | 5.00 P.M. on Dtd.17.07.2023 |

Instead of

| | |
|---|---|
| Date of Pre Bid Meeting | 5.00 P.M. on Dtd.15.07.2023 |

Sd./- Commissioner
Sambalpur Municipal Corporation

OIPR-13122/11/0034/2324

# ବର୍ଷା ପୂର୍ବରୁ ସଫେଇ ନ କରି ଛାଡ଼ିଦେଲେ

ନୟାଗଡ଼,୧୫।୭(ଲୋକନାଥ ମିଶ୍ର)

ନୟାଗଡ଼ ଭାଜପା ଜିଲା କାର୍ଯ୍ୟାଳୟ ସମ୍ମୁଖରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ କଡର ଡ୍ରେନ ଅଧା ସଫେଇ କରି ଛାଡି ଦେବା ପରେ ଚୋକ୍ ହୋଇ ରହିଛି । ଡ୍ରେନ ଜଳ ଡ୍ରେନରେ ନ ଯାଇ ରାସ୍ତା ଉପର ଦେଇ ୧ନଂ. ୱାର୍ଡ ନୟାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ପଛ ପାଖରେ ଅତିକ୍ରମ କରୁଛି । ଝିପି ଝିପି ବର୍ଷାରେ ଡ୍ରେନେଜ ଜଳ ରାସ୍ତା ଉପରେ ଲହଡି ମାରିଲାଣି । ଜୋରରେ ବର୍ଷା ହେଲେ ଡ୍ରେନ ଜଳ ଘରେ ପଶିବ । କାରଣ ଡ୍ରେନ ଠିକ୍‌ରେ ନିର୍ମାଣ ନ କରିବା ଓ ଡ୍ରେନକୁ ସଫେଇ କରାଯାଉ ନ ଥିବାରୁ ୧ନଂ. ୱାର୍ଡରେ କୃତ୍ରିମ ବନ୍ୟାର ଭୟ ଲାଗି ରହୁଛି । ଶୁକ୍ରବାର ରାତି ଓ ଶନିବାର ସକାଳ ବର୍ଷାରେ ପୁଣି ଭୟ ଆରମ୍ଭ ହୋଇ ଯାଇଛି ।

ପାହାଡିଆ ଅଞ୍ଚଳ ନୟାଗଡ଼ । ଏଠାରେ ପାହାଡ଼ ଉପର ବର୍ଷା ଜଳ ଗାଁ ଓ ସହର ମଧ୍ୟ ଦେଇ ବିଭିନ୍ନ ଅଞ୍ଚଳରେ ଯାଉଛି। ଜିଲା ସଦର ମହକୁମାରେ ମଧ୍ୟ ଏହି ସମସ୍ୟା ଦେଖା ଦେଇଛି। ପାହାଡ଼ର ଜଳ କିଛି ଡ୍ରେନରେ ଓ ଆଉ କିଛି ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଦେଇ ପ୍ରବାହିତ ହେଉଛି। ୫୭ ନଂ. ଜାତୀୟ ରାଜପଥର ବ୍ରଜେନ୍ଦ୍ର ହାଇସ୍କୁଲ ପାର୍ଶ୍ୱରୁ ଆସିଥିବା ଡ୍ରେନ ଭାଜପା ଜିଲା କାର୍ଯ୍ୟାଳୟ ସମ୍ମୁଖରେ ବନ୍ଦ କରାଯାଇଛି । ଏଠାରେ ଥିବା କଲଭର୍ଟ ଦେଇ ବ୍ରଜେନ୍ଦ୍ର ହାଇସ୍କୁଲ ପାର୍ଶ୍ୱର ନର୍ଦ୍ଦମା ଜଳ ଭାଜପା ଜିଲା କାର୍ଯ୍ୟାଳୟ ନିକଟକୁ ଲାଗିଥିବା ଡ୍ରେନ ଦେଇ ଯିବାର ବ୍ୟବସ୍ଥା ହୋଇଛି । ଏଠାରେ କଲଭର୍ଟରେ ନର୍ଦ୍ଦମା ଜଳ ଚୋକ୍ ହୋଇ ଜାତୀୟ ରାଜପଥ ଉପରକୁ ବିଭିନ୍ନ ସମୟରେ ଉଠୁଛି । ବର୍ଷାର ପ୍ରକୋପ ବଢ଼ିଲେ ନର୍ଦ୍ଦମା ଜଳ ଘର ଭିତରେ ପଶି ପ୍ରାଚୀର, ଘର ଭାଙ୍ଗି ବାହାରକୁ ବାହାରୁଛି । ଏଣୁ ନର୍ଦ୍ଦମା ଜଳ ବନ୍ୟାର ଭୟ ନୟାଗଡ଼ ମ୍ୟୁନିସିପାଲିଟିର ୧ନଂ. ୱାର୍ଡରୁ ହଟୁନି । କଲଭର୍ଟ ଓ ଡ୍ରେନ ନିର୍ମାଣରେ ତ୍ରୁଟି କାରଣରୁ ଏଠାରେ ବର୍ଷାଋତୁରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଆସୁଛି । ଜିଲା ସଦର ମହକୁମାର ସହର ପୁଣି ମ୍ୟୁନିସିପାଲିଟିରେ ଏହି ୱାର୍ଡ ରହିଛି । ତେବେ ବନ୍ୟା ସମସ୍ୟାର ସ୍ଥାୟୀ ସମାଧାନ ମ୍ୟୁନିସିପାଲିଟି ଅଥବା ପ୍ରଶାସନ କରୁ ନ ଥିବାର ଅଭିଯୋଗ ହୋଇ ଆସୁଛି ।


ଚୋକ୍ ହୋଇଥିବା ନାଳ ।

## ଡ୍ରେନ ଚୋକ୍, ୧ନଂ.ୱାର୍ଡ ଦେଇ ଗଲା ଆବର୍ଜନା ପାଣି

### କୃତ୍ରିମ ବନ୍ୟାକୁ ଏଡାଇବାକୁ ନିବେଦନ

କୃତ୍ରିମ ବନ୍ୟା ପରିସ୍ଥିତିକୁ ଏଡାଇବା ପାଇଁ ପ୍ରଥମେ ଡ୍ରେନ ସଫେଇ କରାଯାଉ। ମୁକ୍ତା ଯୋଜନାରେ ନୟାଗଡ଼ ମ୍ୟୁନସିପାଲିଟିକୁ ଆସିଥିବା ୩କୋଟି ୬୭ ଲକ୍ଷ ଟଙ୍କାରୁ କିଛି ଅର୍ଥ ଖର୍ଚ୍ଚ କରାଯାଇ ଡ୍ରେନ ସମସ୍ୟାର ସମାଧାନ କରାଯାଉ ବୋଲି ଦାବି ହୋଇ ଆସୁଛି । ନୟାଗଡ଼ ବିଧାୟକ, ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ, ଜିଲାପାଳ ଏଥିରେ ହସ୍ତକ୍ଷେପ କରି ସମାଧାନ କରିବାକୁ ଅନୁରୋଧ କରାଯାଇଛି । କୃତ୍ରିମ ବନ୍ୟା ପରିସ୍ଥିତି ଏଡାଇବାକୁ ହେଲେ ଭାଜପା ଜିଲା କାର୍ଯ୍ୟାଳୟ ସମ୍ମୁଖ କଲଭର୍ଟ ଭଙ୍ଗା ଯାଉ । ସେହିପରି ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲଠାରୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଓସାରିଆ ଓ ଗଭୀର ଡ୍ରେନ ନିର୍ମାଣ କରାଯାଉ । ରାଜପଥର ଦୁଇ ପାର୍ଶ୍ୱ ଡ୍ରେନ ମଜୁରିଆପଲି ଡ୍ରେନରେ ପକାଇବାର ବ୍ୟବସ୍ଥା କରାଯାଉ । ଭାଜପା ଅଫିସଠାରୁ ସିନ୍ଦୁରିଆ ବଜାର ଦେଇ ଗୋଟିଏ ପାର୍ଶ୍ୱ ଡ୍ରେନ ଓସାରିଆ ଓ ଗଭୀରତା ଥାଇ ମଜୁରିଆପଲ୍ଲୀ ନାଳରେ ପଡି ସାରିଛି । ପ୍ରାୟ ଦେଢ଼ ବର୍ଷ ତଳେ ସଂପୃକ୍ତ ଡ୍ରେନ ନିର୍ମାଣ ହୋଇଛି । ସେହିପରି ଗଭୀରତା ଓ ଓସାରିଆ ଥିବା ଅନ୍ୟ ଏକ ଡ୍ରେନ ବ୍ରଜେନ୍ଦ୍ର ହାଇସ୍କୁଲଠାରୁ ମଜୁରିଆ ପଲ୍ଲୀ ପର୍ଯ୍ୟନ୍ତ ନୂଆ କରି ନିର୍ମାଣ ହେବା ଦରକାର । ଅନ୍ୟପକ୍ଷେ ବ୍ରଜେନ୍ଦ୍ର ହାଇସ୍କୁଲ ସମ୍ମୁଖ ନୟାଗଡ଼ ବ୍ଲକ ନିକଟରୁ ଭାଜପା ଜିଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଡ୍ରେନକୁ ଅନୁରୂପ ଭାବେ ଗଭୀରତା ଓ ଓସାରିଆ ହୋଇ ତିଆରି ହେବା ଦରକାର। ଏହା କରାଗଲା ୧ନଂ. ୱାର୍ଡରୁ କୃତ୍ରିମ ବନ୍ୟା ପରିସ୍ଥିତି ହଟି ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ

## ୪ଜଣଙ୍କ ନାମରେ ମାମଲା ରୁଜୁ, ୨ଗିରଫ

ଖଣ୍ଡପଡ଼ା,୧୫।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ୧୧ ନଂ. ୱାର୍ଡ ଗଡ଼ଭିତର ସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ପଡ଼ୋଶୀଙ୍କ ମଧ୍ୟରେ ଶୁକ୍ରବାର ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ଏହି ଘଟଣାରେ ପୋଲିସ ୪ଜଣଙ୍କ ନାମରେ ମାମଲା ରୁଜୁ କରିବା ସହ ୨ଜଣଙ୍କୁ ଗିରଫ କରି ଜେଲ ପଠାଇଛି । ସୂଚନା ମୁତାବକ, ଗଡ଼ଭିତର ସାହିର ରବୀନ୍ଦ୍ର କୁମାର ଦାସ ଓ ସୁକାନ୍ତ ସ୍ୱାଇଁଙ୍କ ପରିବାର ମଧ୍ୟରେ ଜାଗାବାଡ଼ିକୁ କେନ୍ଦ୍ର କରି ଦୀର୍ଘ ବର୍ଷ ଧରି ବିବାଦ ଲାଗି ରହିଛି । ଶୁକ୍ରବାର ମଧ୍ୟାହ୍ନରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ରବିନ୍ଦ୍ରଙ୍କ ୨ ପୁଅ ଓ ସ୍ତ୍ରୀ ରଶ୍ମିତା ଦାସ ମିଳିତ ହୋଇ ସୁକାନ୍ତି ସ୍ୱାଇଁ ଓ ସମ୍ପର୍କୀୟ ବଂଶୀଧର ସ୍ୱାଇଁଙ୍କୁ ମରଣାନ୍ତକ ଆକ୍ରମଣ କରିବାରୁ ଉଭୟେ ଗୁରୁତର ହୋଇ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ । ମାତ୍ର ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ସୁକାନ୍ତଙ୍କ ବୋହୂ କୁଆଁରୀ ସ୍ୱାଇଁ ଖଣ୍ଡପଡ଼ା ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିବାରେ ପୋଲିସ ରବିନ୍ଦ୍ର, ସ୍ତ୍ରୀ ରଶ୍ମିତା ଓ ୨ ପୁଅଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି । ମରଣାନ୍ତକ ଆକ୍ରମଣ ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ରବିନ୍ଦ୍ର ଓ ତାଙ୍କ ସ୍ତ୍ରୀ ରଶ୍ମିତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଭାରପ୍ରାପ୍ତ ଥାନା ଅଧିକାରୀ ଉପେନ୍ଦ୍ର କୁମାର ଦିଗଲଙ୍କ ଠାରୁ ପ୍ରକାଶ। ପୋଲିସ କାର୍ଯ୍ୟାନୁଷ୍ଠାନ ପରେ ରବିନ୍ଦ୍ରଙ୍କ ୨ ପୁଅ ଫେରାର ଅଛନ୍ତି।

# କଳା ବ୍ୟାଜ୍ ପରିଧାନ କରି କୃଷି କର୍ମଚାରୀଙ୍କ ଆନ୍ଦୋଳନ




ଖଣ୍ଡପଡ଼ା,୧୫।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ କୃଷି ଓ ପରାମର୍ଶ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀମାନେ ଶୁକ୍ରବାରଠାରୁ କଳାବ୍ୟାଚ ପରିଧାନ କରି କାମ କରୁଛନ୍ତି। ବିଭିନ୍ନ ଦାବି ପୂରଣ ନେଇ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ କର୍ମଚାରୀମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ୬ ବର୍ଷ ଧରି କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀମାନଙ୍କୁ ନିୟମିତ କର୍ମଚାରୀର ମାନ୍ୟତା ପ୍ରଦାନ କରିବା ସହ ଗ୍ରେଡ ପେ ବାବଦରେ ୨ ହଜାରରୁ ୪୨୦୦ ଟଙ୍କା ପ୍ରଦାନ, ଚାକିରୀ ଜୀବନରେ ସର୍ବନିମ୍ନ ୪ଟି ପଦୋନ୍ନତି, ଶିକ୍ଷାଗତ ଯୋଗ୍ୟତାରେ ପରିବର୍ତ୍ତନ କରିବା ଆଦି ଦାବି ନେଇ ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ ଡ଼ାକରା ଦିଆଯାଇଛି । ରାଜ୍ୟ ସରକାର ନାର୍ଯ୍ୟ ଦାବି ପ୍ରତି ଦୃଷ୍ଟି ନ ଦେଲେ ଅଗଷ୍ଟ ୧ରୁ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଗ୍ରାମ୍ୟ କୃଷି କର୍ମୀମାନେ ସମୂହ ଛୁଟିରେ ଯିବେ ବୋଲି ସଂଘ ନିଷ୍ପତ୍ତି ନେଇଛି ।

# ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଶରଣକୁଳ,୧୫।୭(ଦୀପକ କର)

ସ୍ଥାନୀୟ ପଞ୍ଚିରିଡ଼ା ମାନପୁରସ୍ଥିତ ଲୋକ ବିଦ୍ୟାପୀଠରେ ଗତ ୧୫ ଦିନ ଧରି ଚାଲିଥିବା ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ ପୌରୋହିତ୍ୟ କରିଥିଲେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଡ.ସୁରେଶ ଚନ୍ଦ୍ର ବରାଡ଼। ଚଳିତ ମାସ ୧ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ ଆନନ୍ଦ ସାହୁ ବାଳିକା ବିଦ୍ୟାଳୟ, କୁରାଳର ପିଇଟି ବିଷ୍ଣୁ ପ୍ରିୟା ପଣ୍ଡା ଓ କୁରାଳ ଉଚ୍ଚବିଦ୍ୟାଳୟର ପିଇଟି ଦୌପଦୀ ମହାନ୍ତ। ବିଦ୍ୟାଳୟର ପିଇଟି ମନୋରଞ୍ଜନ ରାଉତ ସମସ୍ତ ଆୟୋଜନ ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଷଷ୍ଠ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀର ୧୦୦ ଜଣ ଛାତ୍ରୀ ପ୍ରତିଦିନ ତାଲିମ ଗ୍ରହଣ କରୁଥିଲେ। ପ୍ରଧାନ ଶିକ୍ଷକ ଅଦ୍ୱୈତ ନାରାୟଣ ରଣସିଂହ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଜିର ଉତ୍ସବ ଆୟୋଜନରେ ବିଦ୍ୟାଳୟର ଶିକ୍ଷକ ଚିନ୍ତାମଣି ମହାରଣା, ବଷ୍ଟୁ ପ୍ରଧାନ, ରୋଜାଲିନ ପଟ୍ଟନାୟକ, ଆରାଧନା ଗୌଡ଼, ମାଳତୀ ବେହେରା, ମାନସ ରଞ୍ଜନ ସାହୁ, ଶୁଭେନ୍ଦୁ ପରିଡ଼ା ଓ ଜଗନ୍ନାଥ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

# ଦାଶରଥି ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ


ଦାଶରଥି ପଟ୍ଟନାୟକଙ୍କ ଉପରେ ପ୍ରସ୍ତୁତ ଭିଡିଓକୁ ଛାତ୍ରୀମାନେ ଦେଖୁଛନ୍ତି।

ଖଣ୍ଡପଡ଼ା,୧୫।୭(ଅଜୟ କୁମାର ମହାରଣା)

ଓଡ଼ିଶା ପାଠାଗାରର ଆନ୍ଦୋଳନର ପ୍ରବାଦ ପୁରୁଷ ପ୍ରଖ୍ୟାତ ସଂଗ୍ରାହକ ତଥା ୧୦ ପଇସାର ରାଜା ଭାବେ ପରିଚିତ ଦାଶରଥି ପଟ୍ଟନାୟକଙ୍କ ୧୧୬ତମ ଜୟନ୍ତୀ ଶୁକ୍ରବାର ଖଣ୍ଡପଡ଼ା ବ୍ଲକ ଅଧୀନ ଯୋଗିଆପଲ୍ଲୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇ ଦାଶିଆ ଅଜାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ପରେ ପାଠାଗାର ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଯୋଗମାୟା ମହାପାତ୍ର ପ୍ରବାଦ ପୁରୁଷ ତଥା ପାଠାଗାର ଆନ୍ଦୋଳନର ଜନକ ଦାସିଆ ଅଜାଙ୍କ ମହନୀୟତା ତଥା ଜୀବନୀ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆଲୋକପାତ କରିଥିଲେ। ପରେ ଦାଶିଆ ଅଜାଙ୍କ ଉଦୟପୁରସ୍ଥିତ ସଂଗ୍ରାହଳୟର ଫଟୋଚିତ୍ର ପ୍ରଦର୍ଶନ କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ପଢ଼ା ଅଭ୍ୟାସରେ ପରିଣତ କରିବାକୁ ପରାମର୍ଶ ଦିଆଯାଇଥିଲା । ପରେ ଛାତ୍ରୀଛାତ୍ରମାନଙ୍କୁ ପାଠାଗାର ମାଧ୍ୟମରେ ପୁସ୍ତକ ବିତରଣ କରାଯାଇଥିଲା ।

## ସଂକ୍ଷେପରେ

### ଲଗାଣ ବର୍ଷା ପରେ କୃଷି କାର୍ଯ୍ୟ ଆରମ୍ଭ

ଖଣ୍ଡପଡ଼ା,୧୫।୭(ଅଜୟ କୁମାର ମହାରଣା)- ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ୭୦ ପ୍ରତିଶତ ଚାଷୀ ଧାନ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା କୃଷି ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ସଂପୃକ୍ତ ଅଞ୍ଚଳରେ ଅଭାବୀ ବର୍ଷା ଯୋଗୁ ଗଜା ମରୁଡି ହେବାର ଆଶଙ୍କା ପ୍ରକାଶ ପାଇଥିଲା । ମାତ୍ର ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଗତ ୩ଦିନ ଧରି ଲଗାଣ ବର୍ଷା ଯୋଗୁ ଚାଷ କାର୍ଯ୍ୟ ଆରମ୍ଭ ହେବା ସହ ଚାଷୀଙ୍କ ମୁହଁରେ ହସ ଫୁଟିଛି । ଲଗାଣ ବର୍ଷା ଫଳରେ ଚାଷ ଜମିରେ ଧାନ ତଳି ରୁଆ ସହ ଡିପ ଜମି ଗୁଡିକରେ ତଳି ପକା କାର୍ଯ୍ୟରେ ଚାଷୀମାନେ ଲାଗି ପଡିଛନ୍ତି। ଖାଲୁଆ ଅଞ୍ଚଳରେ ଥିବା ଶତାଧିକ ଏକର ଚାଷ ଜମିରେ ବର୍ଷା ପାଣି ଜମି ରହିଛି । ବର୍ଷା ପରେ ଗଜା ମରୁଡ଼ି ଆଶଙ୍କା ଦୁର ହୋଇଥିବା ଜଣାପଡିଛି ।

# ଦୂଷିତ ପରିବେଶରେ ଥିବା ନଳକୂପକୁ ନେଇ ଚିନ୍ତା

ଖଣ୍ଡପଡ଼ା,୧୫।୭
(ଅଜୟ କୁମାର ମହାରଣା)

ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ ରାସ୍ତାର ତାରିଣୀ ମନ୍ଦିର ନିକଟରେ ଥିବା ଏକ ନଳକୂପର ପାଣି ଅତ୍ୟନ୍ତ ଶୁଦ୍ଧ ତଥା ପାନୀୟ ଉପଯୋଗୀ ହୋଇଥିବାରୁ ନିକଟସ୍ଥ ହାଟମୁଣ୍ଡ ପାଟଣା, ଯାତ୍ରାପଦା ବଜାର ଅଞ୍ଚଳର ଲୋକମାନେ ସେହି ପାଣିକୁ ବ୍ୟବହାର କରିଥାଆନ୍ତି। ସେହିପରି ପ୍ରତ୍ୟେହ ନୀଳମାଧବଙ୍କ ଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ଏହି ନଳକୂପର ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରିଥାନ୍ତି । ତେବେ ଗତ କିଛିଦିନ ହେଲା ଏହି ନଳକୂପର ନିକଟରେ ଥିବା ଏକ ସୋକ୍‌ପିଟ୍‌କୁ ନିଷ୍କାସନ ହେବାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇନାହିଁ । ଅପରପକ୍ଷେ ଏହି ନଳକୂପ ପାଣି ନିକଟରେ ଥିବା ଠାକୁରଙ୍କ ଚନ୍ଦନ ପୋଖରୀକୁ ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଇଥିଲା । ମାତ୍ର ଏବେ ଚନ୍ଦନ ପୋଖରୀର ନବୀକରଣ କାର୍ଯ୍ୟ ଯୋଗୁ ଏହି ନିଷ୍କାସନ ପଥ ମଧ୍ୟ ବନ୍ଦ ହୋଇ ଯାଇଛି । ଫଳରେ ନଳକୂପର ପାଣି ସହିତ ସଂପ୍ରତି ବର୍ଷା ପାଣି ସେଠାରେ ଜମା ରହି ଦୂଷିତ ପରିବେଶ ସୃଷ୍ଟି କରିଛି । ସେଥିପାଇଁ ଲୋକେ ଉକ୍ତ ନଳକୂପରୁ ପାଣି ନେବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି । ବର୍ଷା ଋତୁ ଯୋଗୁ ନିକଟସ୍ଥ ମହାନଦୀର ପାଣି ଗୋଳିଆ ହୋଇଥିବାରୁ ଉକ୍ତ ନଳକୂପରୁ ପାନୀୟ ଜଳ ସଂଗ୍ରହ କରୁଥିବା ଜନସାଧାରଣ ନାନା ସମସ୍ୟା ମଧ୍ୟରେ ଗତି କରୁଛନ୍ତି । ତେବେ ନଳକୂପ ଚତୁଃପାର୍ଶ୍ୱରେ ଜମି ରହୁଥିବା ପାଣି ଓ ନର୍ଦ୍ଦମା ପାଣିକୁ ନିଷ୍କାସନ କରିବା ପାଇଁ ସାଧାରଣରେ ଦାବି ହେଉଛି । ତେବେ ଏ ସମ୍ପର୍କରେ କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣି ବେହେରାଙ୍କ ସହ ଯୋଗାଯୋଗ କରାଯାଇଥିଲା । ଅଭିଯୋଗ ପରେ ଏ ଦିଗରେ ପଦକ୍ଷେପ ନେବା ପାଇଁ ଜଣେ ୱାର୍ଡ ସଭ୍ୟଙ୍କୁ ଦାୟିତ୍ୱ ଦିଆଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ସେ ସୂଚନା ଦେଇଛନ୍ତି ।


ନଳକୂପ ପରିସରରେ ଜମିଥିବା ଆବର୍ଜନା ପାଣି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବାଦଲ


@ ବିଶ୍ୱଜିତ୍


@ ଲିଙ୍ଗରାଜ


@ ମନମୋହନ



@ ସତ୍ୟବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଷଧର ସାପକୁ ମାଳବନ୍ଧରେ ଛଡ଼ାଗଲା

ଖଣ୍ଡପଡ଼ା,୧୫।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠ ନିକଟ ତଥା କଣ୍ଟିଲୋ- କଳାପଥର ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱ କୃଷ୍ଣଚନ୍ଦ୍ର ନାୟକଙ୍କ ଘରେ ଏକ ବିଷଧର ସାପ ରହିଥିବାରୁ ପରିବାର ବର୍ଗ ଆତଙ୍କ ଅବସ୍ଥାରେ ରହିଥିଲେ । ପରେ ବିଷଧର ସାପକୁ କରାୟତ କରିବା ସୂତ୍ର ଜାଣିଥିବା ପଡୋଶୀ ରୋହିତ ମାଝିକୁ ଡକାଇ ଘରେ ଥିବା ଏକ କୋଳଥିଆ ନାଗକୁ ଉଦ୍ଧାର କରାଯାଇଛି। ଏହି ସାପଟିକୁ ନିକଟସ୍ଥ କମେଇ ନଦୀ ପାର୍ଶ୍ୱ ମାଳବନ୍ଧରେ ଛାଡି ଦିଆଯାଇଛି ।



